[illegible]

[[illegible]]

[illegible]

[illegible]

[illegible]

PRINTED BY

S. K. De at the

TOWN PRESS,

BALASORE.

1931

ବାଜପେୟୀ ବଂଶ, ଏମାନେ ଶିଗା ବ୍ରାହ୍ମଣ । ଏମାନଙ୍କ ମଧ୍ୟରୁ କେତେକ ସୋଳ ଶାସନବାସୀ "ବୈଦିକ ଶ୍ରେଣୀ" ବ୍ରାହ୍ମଣ ସଙ୍ଗରେ ସମ୍ପର୍କ କରି ଓ କୁଳ ଛାଡ଼ି ଯାଇଅଛନ୍ତି । କିନ୍ତୁ ଉପରୋକ୍ତ ଉଭୟ ବା ଓ କୁଳ ମଧ୍ୟରୁ ଗୋଟିଏ ସୁଦ୍ଧା ଉତ୍କଳ-ଖଣ୍ଡକୁ ଆସି ନାହାନ୍ତି ।

ଉତ୍କଳାଧିପତି ଦ୍ୱାରା ନାଏବ କାର୍ଯ୍ୟରେ ନିଯୁକ୍ତ କେତେକ କରଣ, ସେନାପତି କାର୍ଯ୍ୟରେ ନିଯୁକ୍ତ କେତେକ ମହାନାୟକ ନାୟକ, ନଗର ପୁରୋହିତମାନଙ୍କ ଅଧୀନ ଉତ୍କଳ ଅଧିକାର ଭୂମିରେ ବାସ କରାଇ ଥିଲେ । ଅଧିକ କେତେକ ସାଥୁଆ ବ୍ରାହ୍ମଣ ଯାତ୍ରୀମାନଙ୍କ ସଙ୍ଗରେ ଆସି ଉତ୍କଳଖଣ୍ଡରେ ବାସ କରି ରହି ଯାଇ ଅଛନ୍ତି. ତେଣୁ ଏମାନେ ନିଜ ନିଜ କୁଳସଂଜ୍ଞାର ମର୍ମାର୍ଥ ବୁଝି ନପାରି ଦୋଷାନ୍ୱେଷୀମାନଙ୍କ ନିକଟରେ ଅପଦସ୍ତ ହୋଇ ଥାଆନ୍ତି । ଏହି କାରଣରୁ "ବ୍ରହ୍ମଯଜ୍ଞ ଭାଷ୍ୟ" ଗ୍ରନ୍ଥରୁ ଅତ୍ୟାବଶ୍ୟକୀୟ ଅଂଶ ଉଦ୍ଧାର କରି "କୁଳସଂଜ୍ଞା" ନାମ ଦେଇ ପ୍ରକାଶିତ କଲି । ସମସ୍ତ ଅଂଶ ପ୍ରକାଶିତ କରିବା ସାଧ୍ୟାତୀତ । ଏହି ସଂଜ୍ଞାପଦମାନ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସଙ୍ଗରେ ମେଳ ଥିବା ସ୍ଥଳରେ ସେମାନଙ୍କ ମଧ୍ୟ ଉଦ୍ଧାର କରି ନିମ୍ନରେ ଦେଖାଇ ଦେଲି । ଦୟାକରି ଏଥିରୁ ଖଣ୍ଡିଏ ଖଣ୍ଡିଏ ନେଲେ ଅନ୍ୟାନ୍ୟ ଉପକାରୀ ଗ୍ରନ୍ଥମାନ ପ୍ରକାଶିତ କରି ପାରିବି । ଅଳମତି ବିସ୍ତରେଣ ।

ବାଲେଶ୍ୱର ସ୍ୱଜନ୍ଦ୍ର } ବିନୀତ ପ୍ରକାଶକ—
ସଜନାଗଡ଼ ପୂର୍ଣ୍ଣଟୋଲ } ଶ୍ରୀ ରୁଦ୍ରନାରାୟଣ ଷଡ଼ଙ୍ଗୀ କାବ୍ୟତୀର୍ଥ ।

ଉତ୍କଳ ବ୍ରାହ୍ମଣର କୁଳସଂଖ୍ୟା ।

ବିଧିପୂର୍ବକ ଯଜ୍ଞକାରୀ ବ୍ରାହ୍ମଣଙ୍କୁ 'ଯଜ୍ୱା' ବୋଲନ୍ତି । କହନ୍ତି ଯଜ୍ୱାମାନଙ୍କର ପୁର 'ଯଜ୍ୱପୁର' । ପାଣିନି ମହର୍ଷି ଉଣାଦି ପ୍ରକରଣରେ ଉକ୍ତ ପ୍ରକାର ବ୍ରାହ୍ମଣଙ୍କୁ 'ଯାଜୀ' ବୋଲି ମଧ୍ୟ କହି ଅଛନ୍ତି । ଏହି ଯାଜୀମାନଙ୍କର ପୁର "ଯାଜିପୁର" । 'ଯଜ୍ୱପୁର' ଅଥବା 'ଯାଜିପୁର' ଏହି ଦୁଇଗୋଟି ଶବ୍ଦ ବର୍ତ୍ତମାନ ପ୍ରଚଳିତ ଯାଜପୁର ଶବ୍ଦର ଆଦିଶବ୍ଦ ଅଟେ । ଏହି ଯାଜପୁରସ୍ଥ ଅଗ୍ନିହୋତ୍ରୀ ବ୍ରାହ୍ମଣମାନଙ୍କ ଗୃହରୁ ପ୍ରାଚୀନ ବାଜପେୟୀମାନଙ୍କ ଦ୍ୱାରା ଲିଖିତ କେତେଗୁଡ଼ିଏ ତାଳପତ୍ର ପୁସ୍ତକ ସଂଗ୍ରହ କରିଥିଲି । ସେଥିମଧ୍ୟରେ "ବ୍ରହ୍ମପରିଭାଷା" ନାମରେ ଖଣ୍ଡିଏ ଜରାଜୀର୍ଣ୍ଣ ତାଳପତ୍ର ପୁସ୍ତକ ତତ୍ରତ୍ୟ ସ୍ୱର୍ଗୀୟ ଘନଶ୍ୟାମ ଅଗ୍ନିହୋତ୍ରୀଙ୍କର ମଖଶାଳା ମଧ୍ୟସ୍ଥିତ ପୁସ୍ତକ ମାଡ଼ ମଧ୍ୟରୁ ପାଇଥିଲି । ସେ ଖଣ୍ଡିକ ପାଠ କରି ଐତିହାସିକ ବିବରଣ ଜାଣିଲା ପରେ ହୃଦୟ ଆନନ୍ଦ କଲ୍ଲୋଳରେ ଯେପରି ଭାସମାନ ହୋଇଥିଲା । ସେଥିର ସଂସ୍କୃତଭାଷା ଗୁଡ଼ିକ ଦେଖି ସେହିପରି ବିଷାଦ ମଧ୍ୟ ଅନୁଭବ କରିଥିଲା କିନ୍ତୁଯଣ ଚନ୍ଦ୍ରାକର ସ୍ଥିର କରିଥିଲି ଯେ—ଏ ପୁସ୍ତକ ଖଣ୍ଡିକ ଇତିହାସାନଭିଜ୍ଞ କୌଣସି ପୁରୋହିତ ଶ୍ରେଣୀର ବ୍ରାହ୍ମଣ ଦ୍ୱାରା ଲିଖିତ ହୋଇଥିବ । 'କାରଣ ଉତ୍କଳଦେଶର ଗୋଟିଏ ଚିରନ୍ତନ କୁପ୍ରଥା ଏହି ଯେ—ପୁରୋହିତ ବ୍ରାହ୍ମଣମାନେ ଭାଷା ଜ୍ଞାନର ମୂଳକାରଣ ବ୍ୟାକରଣର ଧାରକୁ ସୁଦ୍ଧା ଯାଆନ୍ତି ନାହିଁ । ଯଜମାନ ଯେତେ ବଡ଼ ବିଦ୍ୱାନ୍ ଏବଂ ଯେତେ ବଡ଼ ଧନୀ ହେଉନ୍ତୁ

ପକ୍ଷରେ ଏମାନେ କୌଣସି ସଂଜ୍ଞା ନକର ଅଶୁଦ୍ଧ
ସେମାନଙ୍କର ଧର୍ମ୍ମ କର୍ମ୍ମମାନ ସାଧନ କରୁଥାନ୍ତି; ଦଳ
ଶ୍ରେଣୀର ବ୍ରାହ୍ମଣବର୍ଗ କର୍ମାନୁଷ୍ଠାନ ବେଳେ ପ୍ରକୃତ
ଯାଗକୁ ସୁଦ୍ଧା ପୁଚ୍ଛି ଦଅନ୍ତି ନାହିଁ । ଏମାନେ ମନକୁ ଯ
ତାହାହିଁ ଗାଇଦେଇ ଚାଲି ଯାଅନ୍ତି । ବସ୍ତୁତଃ ଏହ
କୌଣସି ବ୍ରାହ୍ମଣ ଯେ ଏ ଗ୍ରନ୍ଥର ଲେଖକ ଏଥିରେ
ସନ୍ଦେହ ନାହିଁ । ମାତ୍ର ଗ୍ରନ୍ଥଲିଖିତ ବସ୍ତୁଗୁଡ଼କ ସି
ଏଥିରୁ ବୌଦ୍ଧଯୁଗ ଓ ବୈଦିକଯୁଗର ପରସ୍ପର ସଙ୍ଘର୍ଷରୂପେ
ଜଣାଯାଇ ପାରବ ।

ଏହାର ପ୍ରଥମ ଶ୍ଳୋକ ଏହ ;—

" ବ୍ରାହ୍ମଣାନାଂ ପରୀକ୍ଷାର୍ଥଂ, ପ୍ରବୃତ୍ତେ ବ୍ରହ୍ମଣା ପୁରା ।
ପରୀକ୍ଷିତ୍ୱା ପଂକ୍ତି କ୍ରମେ, ଶ୍ରେଣୀସଙ୍ଖ୍ୟା ପ୍ରକଳ୍ପିତଃ " ।

ଏପରି ଅଶୁଦ୍ଧ ଭାଷାମାନ ଲେଖି ସାହିତ୍ୟ ପଢ଼ିବାର ଅଙ୍ଗକୁ
ଦୂଷିତ କରିବା ନିତାନ୍ତ ଅସଙ୍ଗତ; ଅତଏବ ସ୍ୱବର କୌଣସି
ବ୍ୟତିକ୍ରମ ନକରି ଭାଷା କେବଳ ପରିବର୍ତ୍ତିତ କରି ଅକାରାଦି
କ୍ରମରେ ସଂଜ୍ଞାମାନ ଲେଖିବି । ଯେଉଁ ସଂଜ୍ଞାମାନ ଅନ୍ୟାନ୍ୟ ଧର୍ମ୍ମ
ଶାସ୍ତ୍ରମାନଙ୍କରେ ଅନୁମୋଦିତ ହୋଇଅଛି ସେହ ସେହ ସଂଜ୍ଞାର
କାମରେ ଉକ୍ତ ପ୍ରମାଣମାନ ସମର୍ଥନ ନିମନ୍ତେ ଉଦ୍ଧାର କରିବ ।
ଉଲ୍ଲିଖିତ ଶ୍ଳୋକଟିର ଶୁଦ୍ଧ ଭାଷା ଏହ;—

" ବ୍ରାହ୍ମଣା ନାଂ ପରୀକ୍ଷାର୍ଥଂ, ବ୍ରହ୍ମା ପ୍ରବବୃତେ ପୁରା ।
ପରୀକ୍ଷ୍ୟ ପଂକ୍ତିଶଃ ଶ୍ରେଣୀଂ, ସଙ୍ଖ୍ୟାଞ୍ଚ ସମ କଳ୍ପୟତ୍ " ।

ଅର୍ଥାତ୍ ପୂର୍ବକାଳରେ ବ୍ରହ୍ମା ବ୍ରାହ୍ମଣମାନଙ୍କୁ ପରୀକ୍ଷା କରି
ସଂଜ୍ଞା ନିଧାନ ଦ୍ୱାରା ଶ୍ରେଣୀ ବିଭାଗ କରିଦେଲେ । ଉଲ୍ଲିଖିତ
ପ୍ରମାଣରେ ଯେଁ ବ୍ରହ୍ମା ପଦର ଉଲ୍ଲେଖ ହୋଇଅଛି ଏ ବ୍ରହ୍ମା ସୃଷ୍ଟି

କର୍ତ୍ତା ବ୍ରହ୍ମା ଯଥା ଯଜ୍ଞରେ ବ୍ରହ୍ମା ବରଣ ଦ୍ୱାରା ଗାର୍ହିତ ଓ ପ୍ରତି-ଷ୍ଠିତ କୌଣସି ବ୍ରାହ୍ମଣ ଏ ମୀମାଂସାର ଭାର ପାଠକମାନଙ୍କ ଉପରେ ନ୍ୟସ୍ତ କଲି । ବସ୍ତୁର କହିବାର ଗୋଟିଏ ବାଟ, ଏହା ସେମାନଙ୍କୁ ଦେଖାଇ ଦେଉଅଛି, "ନିଦ୍ରା ଭଙ୍ଗ ପରେ କଳ୍ପାନ୍ତେ ପଠିତ ଯାତ ସ୍ମରଣ କଲାପରି" (ସୁପ୍ତପ୍ରତିବୁଦ୍ଧ ନ୍ୟାୟ) ସୃଷ୍ଟି କର୍ତ୍ତା ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭରେ ବେଦମାନ ସ୍ମରଣ କରି ତଦନୁସାରେ ବ୍ରାହ୍ମଣମାନଙ୍କର ଦେବ ଓ ଶର୍ମ୍ମା ପଦ ପ୍ରଦାନ କରି ଦେଇଥିଲେ, ଏ ଉଦ୍ଦେଶ୍ୟ ଘଟିଲା ଯେ ପୂର୍ବକାଳ "କରଶର୍ମ୍ମା ଓ ଧରଶର୍ମ୍ମା" ଆଦି ସଂଜ୍ଞାମାନ ପ୍ରଦାନ କରିଥିଲେ । ପାଠକଗଣ ବିଚାର କରିବେ । ବ୍ରାହ୍ମଣବର୍ଗଙ୍କ ନିକଟରେ କୃତାଞ୍ଜଳି ନିବେଦନ ଏହି ଯେ କୌଣସି ସଂଜ୍ଞାରେ ନିଜ କୁଳର ଅପକର୍ଷ ସୂଚନା ହୋଇ ଥିବାର ଦେଖି ମୋ ପ୍ରତି ଯେପରି କ୍ରୋଧ ନ କରନ୍ତି;—

୧ । ଅଗସ୍ତ୍ୟ ବା ପ୍ରଚଳିତ ଭାଷାରେ ଅଗସ୍ତି । ଏ ସଂଜ୍ଞା ସମ୍ବନ୍ଧେ ଉକ୍ତ ପୁସ୍ତକରେ ଲେଖାଅଛି ।

ବ୍ରାହ୍ମଣାନାଂ ସଦୋ ଗନ୍ତୁଂ, ବ୍ରହ୍ମା ଶୁଦ୍ଧ ବଟୁର୍ଗତଃ ।
ଦ୍ୱାରସ୍ଥଂ ପୁରୁଷଂ ଦୃଷ୍ଟ୍ୱା ଦୃଷ୍ଟ୍ୱା ନୈଷ ସମଂ ଯଯୌ ।
ସଦୋଗତ୍ୱା ତଦା ପଶ୍ୟତ୍ ; ବାକ୍‌ପାରୁଷ୍ୟ ପରାନ୍ ଦ୍ୱିଜାନ୍
ସେବା ଗୁଣିତ ନୈଷ୍ଠୋଽସୌ ; ତଂ ଦୃଷ୍ଟଂ ସ୍ତୁତି ଶପ୍ତବାନ୍ ॥
ସଂବୋଧୈର ମଗସ୍ତ୍ୟେତି ; ସଂଜ୍ଞସ୍ତୁ ପ୍ରଦଦୌ ଶୁଭମ୍ ।
ଅଥା ନାଗା ଦର୍ଶୌ ବପ୍ରୋ, ଋଷବଃ ସ୍ୱାଲସ୍ୟଂ ଗତଃ ।

ବ୍ରାହ୍ମଣ ସମାଜର ସଂସ୍କାରକ ବ୍ରହ୍ମା ବ୍ରାହ୍ମଣ ସମାଜକୁ ଯିବା କାରଣରୁ ଶୁଦ୍ଧମଧ୍ୟରୁ ବାହାରି ଦ୍ୱାର ଦେଶରେ ପହଞ୍ଚି ଲଗୁଡ଼ି ସ୍ତମ୍ଭାଙ୍କ ପ୍ରତିଷ୍ଠା ପ୍ରାର୍ଥୀ କୌଣସି ବ୍ରାହ୍ମଣଙ୍କୁ ଦେଖି ପାଇଲେ ଏବଂ

ତାଙ୍କ ସହିତ ସଙ୍ଗରୁ ଯାଇ ଦେଖିଲେ ଯେ ବ୍ରାହ୍ମଣଗଣ ଅଗରୁ ଅସି (ସମ୍ଭବତଃ ମୁଁ ବଡ଼, ମୁଁ ବଶିଷ୍ଠ ସନ୍ତାନ୍ ଏ ଥିବ ବହୁ) ପରସ୍ପର ମଧ୍ୟରେ କଳହ କରୁଅଛନ୍ତି । ଏହା ଦେଖି ଏପରି ଛଳ କରି ହୋଇଥିଲେ ଯେ ରାଜାଙ୍କ ଅକ୍ଷିଯୁଗଳ ରକ୍ତବର୍ଣ୍ଣ ହୋଇ ଗଲା (ତହୁଁ ଉକ୍ତ ବ୍ରାହ୍ମଣମାନଙ୍କୁ "ଅତେ ଅଗସ୍ତ୍ୟ" ଏହି ସଂଜ୍ଞା ପଦଦ୍ୱାରା ସଂବୋଧନ କରି ତିରସ୍କାର କରିବାକୁ ଲାଗିଲେ । ଉକ୍ତ ବ୍ରାହ୍ମଣ ମଧ୍ୟ ଆଶା ପୂରଣ ନ ହେବାରୁ ଦୁଃଖିତ ହୋଇ ନିଜ ଗୃହକୁ ପ୍ରସ୍ଥାନ କଲେ । ଅର୍ଥାତ୍ ସଂକ୍ରାନ୍ତିର ପରଦିନକୁ ଅଗସ୍ତ୍ୟ ଦୋଷ ବୋଲନ୍ତି; ଏ ଦିନରେ ସାକ୍ଷାତ ଶୁଭକର୍ମ କରନ୍ତି ନାହିଁ । କଲେ ଅମଙ୍ଗଳ ଘଟେ । ଉକ୍ତ ବ୍ରାହ୍ମଣ ସହିତ ଯିବାରୁ ସଙ୍ଗରେ ଶୁଭ ମଙ୍ଗଳକାର୍ଯ୍ୟ କରିପାରିଲେ ନାହିଁ, ତେଣୁ ତାଙ୍କୁ ଅମଙ୍ଗଳ ସୂଚକ ଜାଣି ସେପରି ସଂବୋଧନ କରି ତାଙ୍କୁ ତିରସ୍କାର କରିଥିଲେ । ପାଠକଗଣ ଉପରୋକ୍ତ ପ୍ରମାଣସିଦ୍ଧ ପଦମାନଙ୍କୁ ହୃଦୟ ମଧ୍ୟରେ ସ୍ଥାନ ଦେଇ ନିର୍ମଳ ଭାବରେ ସମାଲୋଚନା କରିବେ । ସାହାହେଲେ କୌଣସି ପ୍ରଥାର ମର୍ମଟି ସହଜରେ ଜଣା ପଡ଼ିଯିବ । ସଂକ୍ରାନ୍ତିର ପରଦିନକୁ କାହିଁକି "ଅଗସ୍ତ୍ୟଦୋଷ" ବୋଲନ୍ତି ସେ ସମସ୍ତ ଆଲୋଚନା ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ [illegible]

[illegible] । ଅଥର୍ବ [illegible]

"ସାଙ୍ଗଂ ବେଦଂ ପ୍ରପଠନ୍, ଦଶଧା ବ୍ୟାଖ୍ୟାପି ଦ୍ୱିଜଃ ।
ବେଦପାଠ କଣ୍ଠୀକୃତ୍ୟ, ସ ଅଥର୍ବ ଉଚ୍ୟତେ ॥"

ବେଦପାଠ ଶିକ୍ଷା ଦେଇ ଯେଉଁ ଦଶ ବ୍ରାହ୍ମଣବାଳକ ମାନଙ୍କୁ ପ୍ରଚଳିତ ଅଙ୍ଗ ସହିତ ବେଦକୁ ବ୍ୟାଖ୍ୟା କରି ଶିକ୍ଷା ଦିଅନ୍ତି ଏପ୍ରକାର ବ୍ରାହ୍ମଣ "ଅଥର୍ବ" ସଂଜ୍ଞାରେ ଅଭିହିତ

ହୁଅନ୍ତି । ମନୁଙ୍କର ଦ୍ୱିତୀୟ ଅଧ୍ୟାୟରେ ଏହା ଉଲ୍ଲେଖ ଅଛି ।

"ଉପନୀୟତୁ ଯଃ ଶିଷ୍ୟଂ, ବେଦ ମଧ୍ୟାପୟେଦ୍ ଦ୍ୱିଜଃ ।
ସକଳ୍ପଂ ସରହସ୍ୟଂଚ, ତମାଚାର୍ଯ୍ୟଂ ପ୍ରଚକ୍ଷତେ" ।

ଯେଉଁ ବ୍ରାହ୍ମଣ ଶିଷ୍ୟଙ୍କୁ ଉପନୟନ କରାଇ ଯଜ୍ଞବିଦ୍ୟା ଓ ଉପନିଷଦ୍ ସହିତ ବେଦ ଅଧ୍ୟୟନ କରାନ୍ତି ତାଙ୍କୁ "ଆଚାର୍ଯ୍ୟ" ବୋଲନ୍ତି ।

୭ । ଉଦ୍‌ଗାତା (ଋଷି) ।

"ଉଦାତ୍ତେନ ସ୍ୱରେଣୈବ, ସାମଗାନଂ କରୋତ୍ୟୟଃ ।
ସଏବୋଦ୍‌ଗାତୃସଂଜ୍ଞାବାନ୍, ସାମବେଦେଷୁ ପାରଗଃ" ।

ସାମବେଦରେ ପାରଗାମୀ ଯେଉଁ ବିପ୍ର ଉଦାତ୍ତ ସ୍ୱରରେ ସାମଗାନ କରନ୍ତି ଏପ୍ରକାର ବିପ୍ର "ଉଦ୍‌ଗାତା" ଏହି ସଂଜ୍ଞାରେ ବିଖ୍ୟାତ ହୁଅନ୍ତି ।

ଦୀକ୍ଷିତ ହଳଧର ରଥ କୃତ ସ୍ମୃତିଦର୍ପଣ ଗ୍ରନ୍ଥରେ ଉକ୍ତ ବ୍ରାହ୍ମଣର ଉଦ୍‌ଗାତା ସଂଜ୍ଞା ବୋଧକ ବେଦ ପ୍ରମାଣ ଯଥା ;—

"ଯାଜ୍ଞିକା ଯଜ୍ଞେ ଦୀକ୍ଷିତା ଉପଦେଷ୍ଟାରୁଂ
ତାସ୍ତନ୍ତୁ ବାବୃତ୍ତ୍ୟୋ ଉଦାତ୍ତଂ ସେବେତ" ।

ଯଜ୍ଞକାର୍ଯ୍ୟରେ ନିଯୁକ୍ତ ବ୍ରାହ୍ମଣଗଣ ସାମବେଦଜ୍ଞଙ୍କୁ ଉପଦେଶ ଦିଅନ୍ତି । ସେ ଉଦାତ୍ତ ଓ ଅନୁଦାତ୍ତ ସ୍ୱର ମଧ୍ୟରୁ ଉଦାତ୍ତସ୍ୱରକୁ ଅବଶ୍ୟ ନେଇବ ଅର୍ଥାତ୍ ଉଚ୍ଚରେ ଗାନ କରିବ ।

୮ । ହୋତା ।

"ଯଜ୍ଞେ ଦୀକ୍ଷା ଗୃହୀତାସେ, ନିତ୍ୟଂ ହୋମକୃତ୍ ଦ୍ୱିଜାଃ ।
ତେଷାଂ ହରଦ୍ୱାଜା ଯେ, ହର ଶର୍ମାଣ ଏବତେ" ।

ଯେଉଁ ବିପ୍ରଗଣ ଯଜ୍ଞରେ ଦୀକ୍ଷା ଗ୍ରହଣ କରି ପ୍ରତିଦିନ

ଅଗ୍ନିରେ ଆହୁତି କରନ୍ତି ସେମାନେ କରଦଣ୍ଡା ଧାରୀଅଟନ୍ତି । ଭରଦ୍ୱାଜ ଗୋତ୍ର ଜାତ ବ୍ରାହ୍ମଣଗଣ "କରଶର୍ମ୍ମା" ଏହି ସଂଜ୍ଞାରେ ପରିଚିତ ହୁଅନ୍ତି । କର ଅର୍ଥାତ୍ କୃତଶୀଳ କର୍ମ୍ମ ଆହୁତ ଅକ୍ଷେପଣଶୀଳ ।

୫ ଚୟନି (ଚଇନି) ।

"ଯଜ୍ଞାର୍ଥଂ ଦ୍ରବ୍ୟ ଚୟିନାଂ, ସଞ୍ଚୟୋ ଭୂରଶଃ କୃତଃ ।
ବହୁସାପି ଲୋଭ ବଶାତ୍, ଯେନଯଜ୍ଞୋ ନସାଧିତଃ ।
ବିଦ୍ୟା ପ୍ରବୀଣଂ ତଂ ବ୍ରହ୍ମା, ସମାହୂୟ ବଚନଂଚ ।
ଚୟନୀ ସଂଜ୍ଞୟା ତସ୍ମାତ୍, ପ୍ରତିଷ୍ଠାଂ ନୈବ ଦତ୍ତବାନ୍ ।

ଯେଉଁ ବିଦ୍ୟାବାନ୍ ବ୍ରାହ୍ମଣ ଯଜ୍ଞକରିବା କାରଣ ପ୍ରଚୁର ପରିମାଣରେ ଦ୍ରବ୍ୟ ସଞ୍ଚୟ କଲେ, ମାତ୍ର ସଞ୍ଚିତ ଦ୍ରବ୍ୟପ୍ରତି ଲୋଭ ଜନ୍ମିବାରୁ ଯଜ୍ଞାନୁଷ୍ଠାନ ଚଳେନାହିଁ । ଏପ୍ରକାର ବିଦ୍ୟାପ୍ରବୀଣ ବ୍ରାହ୍ମଣଙ୍କୁ ବ୍ରହ୍ମା ଡାକିଆଣି କହାକର ଅର୍ଥାତ୍ "ତମେ ଦ୍ରବ୍ୟ ସଞ୍ଚୟଶୀଳ" ଏହିକଥା କହି "ଚୟନି" ଆଖ୍ୟା ପ୍ରଦାନ କଲେ । ମାତ୍ର କୁଳ ପ୍ରତିଷ୍ଠା ଦେଲେନାହିଁ । ଏଥିରୁ ଏହି ପ୍ରତୀତ ହୁଏକି ବୌଦ୍ଧ ଧର୍ମ୍ମର ଅବସାନ ଓ ବୈଦିକ ଧର୍ମ୍ମର ପ୍ରାଦୁର୍ଭାବ ସମୟରେ ବ୍ରାହ୍ମଣମାନଙ୍କର ପରୀକ୍ଷା କାରଣ ଗୋଟିଏ ସ୍ଥାୟୀସଭା ସ୍ଥାପିତ ହୋଇଥିଲା । ବ୍ରହ୍ମା ଉପାଧିଧାରୀ ସଭାଧିପ କୌଣସି ବ୍ରାହ୍ମଣ ହିଁ ସଭାର ସଭାପତି ଥିଲେ ।

୬ । ତ୍ରିପାଠୀ (ତିବାଡ଼ି) ।

ଋଚଂ ଯଜୂଂଷି ସାମାନି ତ୍ରୟୀଂ ବେଦଂ ପଠନ୍ତିଯେ ।
ତତ୍ପ୍ରଣା ବ୍ରାହ୍ମଣା ଜ୍ଞେୟା ତ୍ରୟୀ ପାଠିନ ଏବତେ" ।

ଋକ୍, ସାମ, ଯଜୁ ଏହି ତିନି ବେଦକୁ ତ୍ରୟୀ ବୋଲନ୍ତି । ଏହି ତ୍ରୟୀ ପଠନଶୀଳ ବ୍ରାହ୍ମଣ "ତ୍ରୟୀପାଠୀ" ସଂଜ୍ଞାରେ ପ୍ରସିଦ୍ଧ ହୋଇଥିଲେ । ସଂକ୍ଷେପରେ କହିବା ମାନବ ସ୍ୱଭାବ ଗୋଟିଏ

ସ୍ୱଭାବ ସୁଲଭ ଧର୍ମ, ତତ୍ତ୍ୱ ଜନ୍ମମାନୁସାରେ "ତ୍ରିପାଠୀ" ଶବ୍ଦ ଉଚ୍ଚାରଣ ତ୍ରିପାଠୀ ଶବ୍ଦରେ ପୁଣି ଉପାଧି ସଂଜ୍ଞାରେ ପରିବର୍ତ୍ତିତ ହୋଇଅଛି ।

୨ । ଦାଶ ।

"ବିଦ୍ୟା ବ୍ରତ ପରିବୃତା, ଅଚଂ ଦାନସ୍ୟ କାରକାଃ ।
ଦାନାର୍ପଣସ୍ୟ ପାତ୍ରାଣି, "ଦାଶ" ସଂଜ୍ଞା ଧରାଇମେ ।
ମହର୍ଷିଃ କୌଶିକୋ ଯେଷାଂ, ପ୍ରଥମୋ ଗୋତ୍ର କାରକଃ ।
ଦାଶ ଶର୍ମୈବ ବକ୍ଷ୍ୟାଣ୍ଡଂ, ଲଭେରଂସ୍ତେ ଦ୍ୱିଜନ୍ମନାମ୍" ।

ଯେଉଁ ବିପ୍ରଗଣ ବିଦ୍ୟା ଓ ବ୍ରତ ପରିପୂର୍ଣ୍ଣ ଅଟନ୍ତି ଏବଂ ପ୍ରତିଦିନ ଅନ୍ନାଦି ବିତରଣ କରନ୍ତି ଏବଂ ସାଧାରଣ ଲୋକେ ଯାହାଙ୍କୁ ଦାନ ଦେବାର ଉପଯୁକ୍ତ ପାତ୍ର ବୋଲି ବିବେଚନା କରନ୍ତି ଏପ୍ରକାର ବିପ୍ରଗଣହିଁ "ଦାଶ" ସଂଜ୍ଞାରେ ଖ୍ୟାତ ହୁଅନ୍ତି କୌଶିକ ମହର୍ଷି ଯେଉଁ ବିପ୍ରଗଣର ଆଦିପୁରୁଷ ସେମାନେ ଦାଶଶର୍ମା ଖ୍ୟାତିକୁ ଲାଭ କରନ୍ତି । ପାଣିନି ମହର୍ଷି ଉଣାଦି ପ୍ରକରଣରେ "ଦାଶଃ ସମ୍ପ୍ରଦାନ ଯୋଗ୍ୟୋ ବ୍ରାହ୍ମଣଃ" ଦାନ ଦେବାର ଉପଯୁକ୍ତ ପାତ୍ରକୁ ଦାଶ ବୋଲି ନିର୍ଦ୍ଦେଶ କରିଅଛନ୍ତି । ମାତ୍ସ୍ୟ ସପ୍ତପଦୀର ୭୯ ଅଧ୍ୟାୟରେ ଅନ୍ୟ ପ୍ରକାର ଲେଖାଅଛି ଯଥା;—

"ଟଗୋବାହକା ବ୍ରାହ୍ମଣାସ୍ତ ଦାଶନାମ୍ନା ସବଂଶଃ" ।

କୃଷିକାର୍ଯ୍ୟ ନିମନ୍ତେ ବଳୀବର୍ଦ୍ଦ (ବଳଦ) ପୋଷକ ବ୍ରାହ୍ମଣମାନେ ସର୍ବପ୍ରକାରେ "ଦାଶ" ପଦର ଯୋଗ୍ୟ ଅଟନ୍ତି । "କରଣନ୍ତା" ଆଦି ଛଅବୋଲ ଶର୍ମା ହେବାର କାରଣ ଦେଖାଇବାର ପ୍ରକରଣରେ ଏଥିର ବିଶେଷ ଆଲୋଚନା କରିବି ।

୮ । ଦ୍ୱିବେଦୀ (ଦୁବେ) ।

ବେଦ ଦ୍ୱୟମଧୀତ୍ୟୈବ, ବ୍ରହ୍ମାଣ ମୁପ ଜଗ୍ମିବାନ୍ ।
ତତୋବ୍ରହ୍ମା ପରୀକ୍ଷ୍ୟୈବ, ଦ୍ୱିବେଦୀ ଇତ ମୁକ୍ତବାନ୍ ।

ଦୁଇଗୋଟିବେଦ (ଯେଉଁ ଦୁଇଗୋଟି ବେଦ ଏହା ଠିକ୍ ଲେଖା ନାହିଁ) ଅଧ୍ୟୟନ କରି ବ୍ରହ୍ମାଙ୍କ ସମୀପରେ ଉପସ୍ଥିତ ହେଲେ, ବ୍ରହ୍ମା ମଧ୍ୟ ତାଙ୍କୁ ପରୀକ୍ଷାକରି "ଦ୍ୱିବେଦୀ" ଏହି ସଂଜ୍ଞାରେ ସମ୍ଭାଷଣ କରିଥିଲେ ।

୯ । ଦୀକ୍ଷିତ (ଚଳିତ ଭଙ୍ଗା ଦଚ୍ଛ ବା ଦଚ୍ଛିତ)

ସତତଂ ଯଜ୍ଞଦୀକ୍ଷାସୁ, ମବସ୍ଥାନାଦ୍ଦ୍ୱିଜୋତ୍ତମାଃ ।
ଦାନାଧ୍ୟୟନସମ୍ପନ୍ନା, ଦୀକ୍ଷିତାଶ୍ଚାଧିପଦ୍ମଜାଃ ।

ଯେଉଁ ବ୍ରାହ୍ମଣମାନେ ଅନବରତ ଯଜ୍ଞରେ ଦୀକ୍ଷିତ ହୋଇ ଅବସ୍ଥାନ କରନ୍ତି ଏବଂ ଦାନ ଓ ବେଦାଧ୍ୟୟନରେ ସର୍ବଦା ଆସକ୍ତ ଥାନ୍ତି ସୁତରାଂ ସତ୍କର୍ମାନୁଷ୍ଠାନ ହେତୁରୁ ଯେଉଁମାନଙ୍କର ମତ ନିର୍ମଳ ଅଟେ ଏ ପ୍ରକାର ବ୍ରାହ୍ମଣମାନଙ୍କୁ ବ୍ରହ୍ମା ଦୀକ୍ଷିତ ସଂଜ୍ଞା ଅର୍ପଣ କରିଥିଲେ । ସେହିଦିନଠାରୁ ସେମାନଙ୍କର ଅଧସ୍ତନ ବଂଶଧରମାନେ ଦୀକ୍ଷିତସଂଜ୍ଞାରେ ପରିଚିତ ।

୧୦ । ଦେବତା ।

ଦେବୋଭୂତ୍ୱା ଦେବଭୂତେ ଦ୍ରବ୍ୟୈଃ ଶ୍ରେଦେବାର୍ଚ୍ଚିତ କୃତ୍ସ୍ନମ୍ ।
ସମ୍ପାଦୟନ୍ତ୍ୟୋଽତଃ ପ୍ରୋ ଦେବତାସଜ୍ଞଦାହୃତଃ ।
ଶଦ୍ବାଳାଙ୍କାରର ତଂ ସର୍ବଶଶ୍ଚ ନୈବେଦନମ୍ ।
ପ୍ରତ୍ୟସ୍ତାରହିତଂ ଦୃଷ୍ଟ୍ୱା ଦେବତ୍ୱଂ ଦତ୍ତବାନ୍ ବିଧିଃ ।

ପୂଜକ ବ୍ରାହ୍ମଣମାନେ ଭୂତଶୁଦ୍ଧି ଆଦି କ୍ରିୟାଦ୍ୱାରା ନିଜର ଆତ୍ମାକୁ "ସୋଽହଂ" ଭାବରେ ପୂଜନୀୟ ଦେବତା ସ୍ୱରୂପ ଭାବନା କରନ୍ତି, ପୂଜା ଅନନ୍ତେ ସମର୍ପିତ ପ୍ରସାଦ ଦ୍ରବ୍ୟକୁ ମଧ୍ୟ ଗ୍ରହଣାଦି

ଦଶସଂସ୍କାରକ୍ରିୟା ନିଜ ଜାତିସ୍ୱରୂପ କରିବାକୁ କରିଥାନ୍ତି । ଆଉ ମଧ୍ୟରେ ନିଜୀସ୍ୱ ପ୍ରତିମାରେ ମନ୍ତ୍ର ନ୍ୟାସାଦି ସହକାରେ ଜୀବ ଦେବତ୍ୱ ସ୍ଥାପନ କରନ୍ତି, ତାହାଦ୍ୱାରା ନିଜକୁ ଅଭିନ୍ନସ୍ୱରୂପ ଚିନ୍ତା କରନ୍ତି । ଏହି ସମସ୍ତ କ୍ରିୟାକୁ କରିବା ଯାହା ଦେବପୂଜା ବିଧି ହୋଇଥାଏ । ଯେଉଁ ବ୍ରାହ୍ମଣ ଏହି ବିଧାନରେ ପ୍ରତ୍ୟହ ଦେବ ପୂଜା ସମ୍ପାଦନ କରନ୍ତି ତାହା, ସେ ପ୍ରକାର ବ୍ରାହ୍ମଣଙ୍କୁ "ଦେବଳ" ବୋଲି କହୁଥିଲେ, ମାତ୍ର ବର୍ତ୍ତମାନ ସମୟ ଦେଖିଲେ ଯେ ସେ ପାଖର ଦୀକ୍ଷାରେ (ପଞ୍ଚଦେବ ବା ସ୍ମାର୍ତ୍ତଶୈବ) ଅଟନ୍ତି ଅଛନ୍ତି, ହିନ୍ଦୁମାନଙ୍କ ପ୍ରାଚୀନ ତାନ୍ତ୍ରିକ ଉପାସନା ପ୍ରଚଳିତ ରହି ଦେବ ସେବକ ବ୍ରାହ୍ମଣ ମଧ୍ୟରେ ଗଣ୍ୟ ହୁଅନ୍ତି ।

୧୧ । ଧର୍ମ୍ମ ପୋଷଣ କରିବାକୁ ଶୁଭଶଂସକରେ ଏବଂ "ପାଣିଗ୍ରାହୀ" ବୋଲି ନାମରେ ପ୍ରଚଳିତ ଏକ ପ୍ରକାର ଶାସନୀ ଉତ୍କଳ ବ୍ରାହ୍ମଣ ମାନଙ୍କର ଏ ଶ୍ରେଣୀ ଚଳିଥିବାର ଦେଖିଥାଉ, ଏହି ଶ୍ରେଣୀରେ ଏ ସଙ୍ଗେ ଉଦତ୍ତ, ଅନ୍ତ ଚଳାଇ ନିଜପାଇଁ ବୋଧ ହୁଏ ଏହି ମଧ୍ୟରେ ଶିଷ୍ଟବର୍ଗ ଲୋକ ଆଚାରୀ ଅଛନ୍ତି "ପ୍ରଜାଚାରୀ" ସମ୍ବୋଧନ ପରିଚିତ ହୁଅନ୍ତି ।   (ଶାତାତପ ସ୍ମୃତି)

ଯାଜ୍ଞବାକ୍ୟ ସ୍ମୃତିରେ ଅଛି, ଯଜ୍ଞୋପବୀତଂ ଧାରଣଂ ।
ଶୁଦ୍ଧ ଚିତ୍ତ ଧର୍ମବନ୍ତ ବେଦୋକ୍ତ ଧର୍ମ କର୍ମୀ
ତପସ୍ୱୀ ସୁବ୍ରତ ଶ୍ରେଷ୍ଠ ପୌରୋହିତ୍ୟ ସମାଯୁକ୍ତ ।
ଭିକ୍ଷାଶୋଚ ଉଦାରୋ, ଧର୍ମବର୍ଣ୍ଣନ ସମ୍ମତଃ

ଯଜ୍ଞର ବ୍ରାହ୍ମଣମାନଙ୍କର ଅଙ୍ଗ କାର୍ଯ୍ୟରେ ପୁରୋହିତବର୍ଗ ବରଣରେ ଯଜ୍ଞ ହୋଇ ଯେଉଁ ବ୍ରାହ୍ମଣମାନେ ଯଜ୍ଞଗ୍ରନ୍ଥ ପାଠ କରିଥାନ୍ତି ସେହି ଏହି ଶାସ୍ତ୍ରରେ ପ୍ରଭୃତି ଷୋଡ଼ଶ ବ୍ରାହ୍ମଣମାନଙ୍କର ଋତ୍ୱିକମାନେ ଧର୍ମ ସଞ୍ଜ୍ଞାରେ ପରିଚିତ ହୋଇ ଅଛନ୍ତି, ତପସ୍ୱୀ,

ଶ୍ରେଷ୍ଠ ଗୌତମ ମହର୍ଷିଙ୍କର ଗୋତ୍ରଜାତ ବ୍ରାହ୍ମଣମାନେ ଧରଣୀ ବୋଲି ପରିଚିତ ହୋଇଥାନ୍ତି ।

୮ । କର (ଅନ୍ନପ୍ରଦ) ।

କରାର୍ଦ୍ଧିଃ ପଞ୍ଚଭର୍ଯୋଗା, ଦାସୀସ୍ୱସ୍ୟାଗ୍ରଣୀ ଦ୍ୱିଜଃ ।
ଶୌଚହ୍ରାର୍ଦ୍ଧି ବିଦ୍ୟାବନ୍ତୋ, କର ସଙ୍ଗ ପ୍ରକାଶବାନ୍ ।
କଶ୍ୟପାନ୍ୱୟ ସମ୍ଭୂତେ; ଏଦ୍ଧା ବ୍ରତ ପରେହୃଷଃ ।
ଅତ୍ରୋଯୋ ବ୍ରାହ୍ମଣେ ଶ୍ରେଷ୍ଠଃ, ପ୍ରୋଚ୍ୟତେ କରିଶର୍ମଣା ।

ଯେଉଁ ବ୍ରାହ୍ମଣମାନଙ୍କର ବିଦ୍ୟା 'ବସ୍ତୁ ବାଚି' ବସ୍ତ୍ର ଓ ଅନ୍ନ ଏହି ପଞ୍ଚ ପଦାର୍ଥ ସୁପ୍ରଶସ୍ତ ଅଟେ, ଏଥି ସହାଯେ ଯେଉଁମାନେ ସର୍ବଯୋଗ୍ୟ ପଣ୍ଡିତମାନଙ୍କର ଅଗ୍ରଣୀ ଅର୍ଥାତ୍ ନେତା ହୋଇଥିଲେ, ଶୁଚି ଓ ହୃଷ୍ଟ ହୃଦୟ ବିଦ୍ୟାରେ ଯେପ୍ରଣ ସେ ପ୍ରକାର ବ୍ରାହ୍ମଣମାନେ ବ୍ରହ୍ମଙ୍କଠାରୁ କରସଂଜ୍ଞା ଲାଭ କରିଥିଲେ ପୁଣି ଯେଉଁମାନେ କଶ୍ୟପ ଗୋତ୍ରରେ ଜନ୍ମଗ୍ରହଣ କରିଅଛନ୍ତି ବିଦ୍ୟାବାନ୍ ଓ ବ୍ରତନିଷ୍ଠ ସେପ୍ରକାର ବ୍ରାହ୍ମଣମାନେ କରଶର୍ମା ଆଖ୍ୟାରେ ପରିଚିତ ହୋଇଥାନ୍ତି । ବସ୍ତୁତଃ ଏମାନେ ସାମନ୍ତ ଦ୍ୱାରା ଅନ୍ନ ପ୍ରଦାନ କରୁଥିଲେ ।

୯ । ପତି (ମୂର୍ଖପଦ ପଦସ୍ଥିତ) ।

ସର୍ବେଷି ବ୍ରାହ୍ମଣାନାଂଯେ, ବିଦ୍ୟା ପ୍ରଭବବର୍ଜ୍ଜିତୈଃ ।
ମୂର୍ଖାଣାଂ ସଭାସଦଃ, ପତମ୍ପ୍ରେ ସମାହୃତଃ ।
ମୁଦଗଲସ୍ୟ ସଗୋତ୍ରାଯେ, ବିଦ୍ୟାବିନୟ ଶାଳିନଃ ।
ତେଷୁ ସଂକଳ୍ପବାଦ୍ୟାଦୌ, ପତିଶର୍ମେତି କୀର୍ତ୍ତିତାଃ ।

ବିଦ୍ୟା ଓ ବିନୟାଦି ଗୁଣହୀନ ଯେଉଁ ବ୍ରାହ୍ମଣମାନେ ବ୍ରାହ୍ମଣ ସଭା ମଧ୍ୟରେ ମୂର୍ଖଙ୍କ ସଭାସଦ ଥିଲେ ବ୍ରହ୍ମା ସେପ୍ରକାର ବ୍ରାହ୍ମଣମାନଙ୍କୁ "ପଦସ୍ଥିତ" ଆଖ୍ୟାରେ ଆହ୍ୱାନ କରିଥିଲେ ।

ମୁସଲମାନଙ୍କର ଶାସନକାଳ ଯେ ପ୍ରକାର ବ୍ରାହ୍ମଣମାନେ ଦଲିଲ ବାକ୍ୟରେ "ପତିଶର୍ମା" ବୋଲି ଉଲ୍ଲେଖ କରିଥାନ୍ତି । ମାତ୍ର ମନୁସଂହିତାର ସପ୍ତମ ଅଧ୍ୟାୟରେ "ଗ୍ରାମପତି, ଦଶ ଗ୍ରାମପତି, ବିଂଶ ଗ୍ରାମପତି, ଶତ ଗ୍ରାମପତି" ଏହି ପ୍ରମାଣମାନଙ୍କରେ ଲିଖିତ ଥିବାର ଦେଖିଥାଉଁ; ଉକ୍ତ ପ୍ରମାଣମାନଙ୍କର ଲେଖା ଭଙ୍ଗିରୁ ଏହାହିଁ ହୃଦୟଙ୍ଗମ ହୁଏ ଯେ—ସେ ସମସ୍ତ କାର୍ଯ୍ୟରେ ବ୍ରାହ୍ମଣମାନେହିଁ ନିଯୁକ୍ତ ଥିବାର ସମ୍ପୂର୍ଣ୍ଣ ସମ୍ଭବ । ଗ୍ରାମାଦି ରକ୍ଷା କାର୍ଯ୍ୟରେ ନିଯୁକ୍ତ ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣମାନଙ୍କର ଗ୍ରାମପତ୍ୟାଦି ବର୍ତ୍ତମାନ କାଳକ୍ରମରେ କେବଳ 'ପତି' ସଂଜ୍ଞାରେ ଗୃହୀତ ଥିବାର ମୋର ଅନୁମାନ ।

୧୪, ୧୫ । ପଣ୍ଡା ଓ ପାଢ଼ୀ ।

(ଏହି ଦୁଇ ସଂଜ୍ଞାର ଅପଭ୍ରଂଶ ପାଣ୍ଡ୍ୟ ବା ପାଣ୍ଡେୟ ଓ ପାଠୀ ବା ପାଠକ) ।

ପାଣ୍ଡେୟାଃ ପାଠକୋ ବିପ୍ରାଃ ସ୍ୱଦେଶା ଦକ୍ଷିଣାପଥଃ ।
ବ୍ରହ୍ମଣୋ ବଚନଂଶ୍ରୁତ୍ୱା, ଶାକ୍ୟୋଽସ୍ମି ସ୍ୱଦେଶଜ୍ଞା ।
ମୌନକୋଽଧ୍ୟେମୃଶା ସ୍ତୈବ, ତସ୍ମାଦ୍ରହ୍ମା ରୁଷୋପଦ ।
ଚେତଃ ସାମାଜବୋଦ୍ଧର୍ଣ୍ଣ, ବ୍ରାହ୍ମଣେଭ୍ୟୋ ନ ଦତ୍ତବାନ୍ ।

ପାଣ୍ଡେୟ ଓ ପାଠୀ ସଂଜ୍ଞାଧାରୀ ବ୍ରାହ୍ମଣମାନେ ବ୍ରହ୍ମାଙ୍କର ବଚନ ଶୁଣି "ଅସ୍ମାକଙ୍କର ଏ ଜନ୍ମଭୂମି । ବିଦେଶରୁ ଆସି ଏ ଦେଶରେ ଉପନିବେଶ ସ୍ଥାପନ କରିନାହୁଁ, ଆମ୍ଭମାନଙ୍କର କୁଳସଂଜ୍ଞା ପୂର୍ବରୁ ପ୍ରଚଳିତ ଅଛି । ଅନ୍ୟ ସଂଜ୍ଞା ଗ୍ରହଣ କରିବାରେ ଆବଶ୍ୟକତା କଣ ?" ଏହି ଅଭିମାନରୁ ତଳକୁ ମୂର୍ଦ୍ଧକରି ମୂକ ହୋଇ ରହିଲେ ଏବଂ ଉତ୍ତର ଦେଲେ ନାହିଁ । ତହିଁ ବ୍ରହ୍ମା କୋପାନ୍ୱିତ ହୋଇ ଏପ୍ରକାର ବ୍ରାହ୍ମଣମାନଙ୍କୁ କୁଳ ପଦସ୍ଥ

ଦେଖିଲେନାହିଁ । ଏହାଠାରେ ପ୍ରକୃତ ଘଟଣା ଜଣାପଡ଼େ । "ପୂର୍ବେ ଏ ଦେଶରେ ବ୍ରାହ୍ମଣ ମିଳେନାହିଁ । କାନ୍ୟକୁବ୍ଜରୁ ଆନୀତ ବ୍ରାହ୍ମଣମାନେ ଉପନିବେଶ ସ୍ଥାପନ କରି ଏ ଦେଶକୁ ପ୍ରତିଷ୍ଠିତ କରିଅଛନ୍ତି" । ଏପ୍ରକାର ଧାରଣା ଭ୍ରମାତ୍ମକ ଅଟେ । ଉତ୍କଳୀୟ ପର୍ବରେ ୧୨ ଅଧ୍ୟାୟ ଗୀତରୁ ଜଣାଯାଏ ଯେ, ପୂର୍ବେ ବୈତରଣୀ କୂଳରେ ବହୁସଂଖ୍ୟକ ଯାଜ୍ଞିକ ବ୍ରାହ୍ମଣମାନେ ବାସ କରୁଥିଲେ । ଯୁଧିଷ୍ଠିର ପଦାର୍ପଣ ସମୟରେ ଏ ଦେଶର ଭୂସ୍ୱାମୀ ପ୍ରଶଂସା ଗାନ କରି ଅଛନ୍ତି । ମିଶ୍ର ଓ ପାଢ଼ୀ ସଂଜ୍ଞାଧାରୀ ବ୍ରାହ୍ମଣମାନେ ସେହି ଯାଜ୍ଞିକମାନଙ୍କର ବଂଶଧର ହୋଇଥିବାର ସମ୍ଭବ ; କେବଳ ପୂର୍ବ ପ୍ରଚଳିତ କୁଳସଂଜ୍ଞା ତ୍ୟାଗକରି ବ୍ରହ୍ମା ଦେଇଥିବା ସଂଜ୍ଞା ଗ୍ରହଣ କରିବାକୁ ଅନୁମତି ଦେବାରୁ ଏବଂ ତାଙ୍କ କଥାରେ ଏକ ଉତ୍ତର ନଦେଇ ତାଙ୍କୁ ଅପମାନ କରିବାରୁ ବ୍ରହ୍ମା କୋପାନ୍ୱିତ ହୋଇ ସେମାନଙ୍କର କୁଳ ପ୍ରତିଷ୍ଠା ଭଙ୍ଗ କରି ଦେଲେ । ତାହାକାଳୀରବେ ପଣ୍ଡିତ କାନ୍ୟକୁବ୍ଜରେ ପାଣ୍ଡେ ପାଠକ ସଂଜ୍ଞାଧାରୀ ବ୍ରାହ୍ମଣମାନେ ପ୍ରତିଷ୍ଠା ପାଉଥିବା ସ୍ଥଳରେ ଏ ଦେଶରେ ଏହି କୁଳ ସଂଜ୍ଞାଧାରୀ ବ୍ରାହ୍ମଣମାନେ ପ୍ରତିଷ୍ଠା ପାଇ ନଥିବାର ମୂଳରେ ଥିବା ଦୁର୍ଭାଗ୍ୟ କାରଣ ଆଧାର ଜଣାଯାଉନାହିଁ ପ୍ରକୃତଃ ପଣ୍ଡିତ ପାଣ୍ଡେ ବା ପାଣ୍ଡେୟ ଶବ୍ଦ ଏବଂ ପାଠକ ଶବ୍ଦ ହେବ ସଂଜ୍ଞା ସ୍ୱର୍ଣ୍ଣ ଓ ଦେବନାଗରୀରେ ପ୍ରଚଳିତ ଅଛି । ମିଶ୍ର ସଂଜ୍ଞା ପୂର୍ବ ଏହି କୁଳ ସଂଜ୍ଞା ଅନ୍ୟାନ୍ୟ ପରଗଣାରେ ପ୍ରଚଳିତ ଥିବାରୁ ସବୁଙ୍କ ମୂଳରେ ଥିବାର ପରେ ବ୍ରାହ୍ମଣସଙ୍ଘରେ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିବି ।

୧୬ । ପାଣିଗ୍ରାହୀ ।

"ଗୃହୀତ୍ୱା ଶାସନଂ ରାଜ୍ଞଃ ବିପ୍ରଗଣଃ ପରିକଳ୍ପିତ ।
ଦ୍ୱିଜୋତ୍ତମୈର୍ଦତ୍ତବାନ୍ ସୋହ୍ୟ ପାଣିଗ୍ରାହୀ ସଉଚ୍ୟତେ" ।

ବ୍ରାହ୍ମଣମାନେ ଦୁଇ ଶ୍ରେଣୀରେ ବିଭକ୍ତ ହୋଇ ଯେଉଁ ସ୍କନ୍ଦର ଭୂଖଣ୍ଡର ମଧ୍ୟସ୍ଥଳରେ ଯିବା ଆସିବା କାରଣ ବାଟରସ୍ତ କରନ୍ତି, ଗ୍ରାମମାନଙ୍କର ପର ଦୁଇ ଶ୍ରେଣୀରେ ବିଭକ୍ତ ଗୃହପଂକ୍ତିରେ ବାସ କରନ୍ତି ଏବଂ ଉକ୍ତଭୂଖଣ୍ଡରେ ଅବସ୍ଥାନପୂର୍ବକ ଦେଶ ବିଦେଶରେ ଧର୍ମୋପଦେଶ ପ୍ରଚାର କରନ୍ତି ବୋଲି ଉକ୍ତ ଭୂଖଣ୍ଡର ନାମ "ଶାସନ" ବୋଲନ୍ତି । ଏହି "ଶାସନ" ଶବ୍ଦ ଅତି ପ୍ରାଚୀନକାଳରେ ପ୍ରଚଳିତ ଥିଲା । ସଭାପର୍ବରେ ଓ ଶିଶୁପାଳବଧ ମହାକାବ୍ୟରେ ଉପରୋକ୍ତ ଅର୍ଥବୋଧକ ହୋଇ ପ୍ରଯୁକ୍ତ ହୋଇଅଛି । ପୂର୍ବକାଳରେ ରାଜାମାନେ ଦେବଙ୍କ ସନ୍ତୋଷ ପାଇଁ ସମ୍ପ୍ରତି ଉକ୍ତ ଶାସନ ସ୍ଥାପିତ କରୁଥିଲେ । ପ୍ରକୃତ ଧାର୍ମିକ ବ୍ରାହ୍ମଣମାନେ ସ୍ୱହସ୍ତରେ ଦାନ ଗ୍ରହଣ ପ୍ରଥାକୁ ଅସଙ୍ଗତ ବିଚାର କରି ତ୍ୟାଗ କରନ୍ତି, ମାତ୍ର ଯେଉଁ ବ୍ରାହ୍ମଣ ରାଜାମାନଙ୍କ ନିକଟରୁ ଉକ୍ତ ଭୂଖଣ୍ଡ ଗ୍ରହଣ କରି ଜଳ ଭରି ସ୍ୱର କରି ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କୁ ଅର୍ପଣ କରନ୍ତି, ସେପ୍ରକାର ବ୍ରାହ୍ମଣମାନେ "ପାଣିଗ୍ରାହୀ" ସଂଜ୍ଞାରେ ଭୂଷିତ ହୋଇଥାନ୍ତି ।

ପାଣି

ଅନ୍ନଦା ନିର୍ଦ୍ଧନା ଦେବେନ୍ଦ୍ର ନିନ୍ଦ୍ୟ ବାଗର୍ଥାଦିନିନ୍ଦ୍ୟାଃ ।
ଯତ୍ର ତୁଷ୍ଟେ ବିନ୍ଧ୍ୟକଳା ଉତ୍ସୃଷ୍ଟେ ତେଷାଂ କୃତଃ ।
ପଣଦ୍ମୁ ଜୀବକାସ୍ଥାନଂ ନାୟସ୍ୟ ବର୍ଦ୍ଧନେ ବସ୍ତ୍ରେ ।
ତେଷାଂ ତତ୍ କରନଂ ଦୃଷ୍ଟ୍ୱା ପଶ୍ଚାଦାମାସ ତାନ୍ ପୁନଃ ।
ବେଦବେଦାନ୍ତ ମନ୍ତ୍ରସ୍ୱାଧ୍ୟାୟାତ୍ ଅସମ୍ୟକ୍ କର୍ମ କାରଣଃ ।
ଦ୍ୱିଜାଂ ସ୍ଥାନ୍ ପୁନରପ୍ୟାହ "ଯୂୟଂ ଭବତ ପାଣିକାଃ" ।

ଅର୍ଥାତ୍ ଯେଉଁ ବ୍ରାହ୍ମଣମାନଙ୍କୁ ଆହ୍ୱାନ କଲେ ପୁଣି ସେମାନେ ବିଲମ୍ବ କରି ଆସିଲେ, ବିଲମ୍ବରେ ଆସିବାର କାରଣ

ପଚାରନ୍ତେ ସେହିମାନେ ଦଳବଦ୍ଧ ହୋଇ ପ୍ରତ୍ୟୁତ୍ତର କଲେ— "ବାଣିଜ୍ୟ ବ୍ୟବସାୟ ଆମ୍ଭମାନଙ୍କର ଜୀବିକା । ଅନ୍ୟପ୍ରକାର କୌଣସି ବ୍ୟବସାୟ ଆମ୍ଭମାନଙ୍କର ନାହିଁ"—ତଥାପି ସେମାନଙ୍କର ଉକ୍ତ କଥା ଶୁଣି ସେମାନଙ୍କ ପିଣ୍ଡାରୀ ବଳ ଦେଖିଲେ ଉକ୍ତ ବ୍ରାହ୍ମଣମାନେ ଅଳ୍ପ ମାତ୍ର ବେଦାଭ୍ୟାସ ଓ ବାଣିଜ୍ୟ କର୍ମରୁ ଜୀବିକା କରୁଅଛନ୍ତି । ଏହି ସମସ୍ତ ବିଚାରି ଭୂମ୍ୟେମାନେ ପାଣି ଅଖ୍ୟାରେ ଖଣିତି ହୃଷ୍ଟ ବୋଲି ଅଭିହିତ କରିଥିଲେ ।

ମହାପାତ୍ର ।

କଳୌ ନୃପତୟଃ ସର୍ବେ ଯେଷାଂ ଯୋଗ୍ୟାନ୍ ଦର୍ଶନାତ୍ ।
ବିମୁଖା ବ୍ରାହ୍ମଣା ବିପ୍ରା ମହାପାତ୍ରା ଇତୀରିତାଃ ।
ବୈଦିକବ୍ରାହ୍ମଣ ସଂଜ୍ଞା ରାଜକାର୍ଯ୍ୟ ପ୍ରଚକ୍ଷତେ ।
ଦାନଗ୍ରାହକମପ୍ୟେନଂ ମହାପାତ୍ରଂ ପ୍ରଚକ୍ଷତେ ।

ଯେଉଁ ବ୍ରାହ୍ମଣମାନଙ୍କର ଯୋଗ୍ୟତା ଦେଖି ବିପ୍ରମାନେ ଓ ରାଜାମାନେ ସେମାନଙ୍କ ପ୍ରତି ବିମୁଖ ହୋଇଥିଲେ, ସେପ୍ରକାର ବ୍ରାହ୍ମଣମାନେ ମହାପାତ୍ର ସଂଜ୍ଞାରେ ଭୂଷିତ ହୋଇଥାନ୍ତି । କେହୁ କେହୁ ଉକ୍ତ ସଂଜ୍ଞାକୁ ରାଜକାର୍ଯ୍ୟ ବୋଲି କହିଥାନ୍ତି । ଅର୍ଥାତ୍ ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣମାନେ ରାଜାମାନଙ୍କର ମହାମନ୍ତ୍ରୀ ଥିଲେ ବୋଲି ଉକ୍ତ ସଂଜ୍ଞା କହିଥାନ୍ତି । ଅପର କେହି କେହି ବ୍ୟକ୍ତି ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣଙ୍କୁ ଦାନଗ୍ରାହୀ ବ୍ରାହ୍ମଣ ବୋଲି ଅର୍ଥାତ୍ ଦାନର ଉପଯୁକ୍ତ ପାତ୍ର ବୋଲି କହିଥାନ୍ତି ।

ମିଶ୍ର ।

ଯେଷାଂ କୁଳେ କ୍ରମାଯାତା ମିଶ୍ର ସଂଜ୍ଞା ହି କନ୍ୟକାମ୍ ।
ତେଷାଂ ପୁତ୍ରବତାଂ ସଂଜ୍ଞା ସ୍ଥାପିତା ମାନି ବିଶ୍ରୁତା ।

ମିଶ୍ର ସଂଜ୍ଞାଟି ଯେଉଁ ଅର୍ଥରେ ବୋଧକ ହୋଇ ଅନେକ

ପ୍ରାଚୀନ ଗ୍ରନ୍ଥମାନଙ୍କରେ ପ୍ରଯୁକ୍ତ ହୋଇଥିବାର ଦେଖିବାକୁ ପାଉ । ଯେଉଁ ବ୍ରାହ୍ମଣମାନଙ୍କର ଏହି ସଂଜ୍ଞା ଅନାଦି ପର-ପରରେ ଚଳି ଆସୁଅଛି ବୋଲି ସେମାନଙ୍କର ଅତି ପ୍ରାଚୀନ ସେହି ସଂଜ୍ଞାକୁ ଅନୁମୋଦନ କରି ସ୍ଥାପନ କଲେ, ପରିବର୍ତ୍ତନ କଲେ ନାହିଁ ।

ରଥୀ ।

ଶବ୍ଦସ୍ୟ ରଥ ଅରୂଢ଼ୋ ମନଃ ପ୍ରଗ୍ରହବାଂସ୍ତଥା ।
ଛନ୍ଦସ୍ତୁରଙ୍ଗାନ୍ ଯୁଗ୍ମାଦୌ କୃତ୍ୱା ବୃତ୍ତିଂଶ୍ଚ ସାରଥିମ୍ ।
ଯୋଗାରୋହସ୍ୱରଚକ୍ରୋ ଯସ୍ତୁ ଉଚ୍ୟତେ ରଥ ସଂଜ୍ଞୟା ।
ଅକ୍ଷରସ୍ୟ ବୋଦ୍ଧା ହି ବ୍ରହ୍ମଣଃ ପ୍ରୋଚ୍ୟତେ ରଥଶର୍ମଣା ।

ବୁଦ୍ଧିକୁ ସାରଥି କରି ଶବ୍ଦର ସ୍ୱରୂପ ରଥରେ ଆରୋହଣ କରି ଅଛନ୍ତି, ଏବଂ ମନରୂପ ରଜ୍ଜୁ ଦ୍ୱାରା ଛନ୍ଦ ସ୍ୱରୂପ ଅଶ୍ୱକୁ ସଂଯତ କରିପାରୁ ଅଛନ୍ତି, ଯେଉଁ ବିପ୍ର ଏ ପ୍ରକାର ହୋଇ ଯୋଗାରୋହଣରେ ଅଛନ୍ତି, ଏ ପ୍ରକାର ବ୍ରାହ୍ମଣକୁହିଁ ବ୍ରହ୍ମା ରଥ ସଂଜ୍ଞା ପ୍ରଦାନ କରିଥିଲେ । ଅତଏବ ଗୋଭିଳାଦି ସେ ପ୍ରକାର ବ୍ରାହ୍ମଣକୁ ରଥଶର୍ମା ବୋଲି କହିଥିଲେ । ଏହି ସଂଜ୍ଞାର ସମର୍ଥନକାରୀ ପ୍ରମାଣ କଠୋପନିଷଦର ତୃତୀୟବଲ୍ଲୀରେ ଭାଗବତର ସପ୍ତମ ସ୍କନ୍ଧର ପଞ୍ଚମ ଅଧ୍ୟାୟରେ ବର୍ତ୍ତମାନ ଅଛି ।

ଷଡପଥୀ ।

ଷଡପଥ ବ୍ରାହ୍ମଣସ୍ୟ ଯଜ୍ଞବେଦାଂଶ ଶାଖୟା ।
ଶୁଦ୍ଧ ବୁଦ୍ଧୋ ବିଗତମଳାଃ ସେ ଷଡପଥ ଉଦାହୃତାଃ ।

ଷଡପଥ ଏହି ଶ୍ଳୋକରେ ଉକ୍ତ ଷଡ୍‌ବେଦପାରଗାମୀ ହୋଇ ଶୁଦ୍ଧଚରିତ୍ର ଓ ନିଷ୍ପାପ ଅଟନ୍ତି, ସେ ପ୍ରକାର ବ୍ରାହ୍ମଣକୁ ବ୍ରହ୍ମା "ଷଡପଥୀ" ଏହି ସଂଜ୍ଞା ଅର୍ପଣ କରିଥିଲେ । ବସ୍ତୁତଃ "ଷଡ ସ୍ତୋମମର୍ଦ୍ଦାକ୍ଷ"

ପ୍ରକୃତ କୋଷ ଗ୍ରନ୍ଥରେ "ଶତପଥିକ" ଶବ୍ଦଟିଏ ଉକ୍ତ ପ୍ରକାର ଅର୍ଥର ବୋଧକ ହୋଇ ବର୍ତ୍ତମାନ ଥିବାର ଦେଖିବାକୁ ମିଳେ । ତେବେ ଏହି 'ଶତପଥିକ' ଶବ୍ଦଟି "ଶତପଥୀ" ସଂଜ୍ଞାରେ ପରିଣତ ହୋଇ ପ୍ରଚଳିତ ହୋଇ ଆସୁଅଛି । କେହି କେହି ପଣ୍ଡିତ ଭ୍ରମବଶତଃ "ସତ୍ପତି" ବୋଲି ମଧ୍ୟ କହୁଥାନ୍ତି ।

ଶୁକ୍ଳ ।

ତଦ୍ୟା ବନସ୍ଥ ସନ୍ନ୍ୟାସାଃ, ତୀର୍ଥାଟନ ପ୍ରଶଂସିତାଃ ।
ଶୁକ୍ଳବେଶାଃ ସୁକର୍ମିଣଃ, ଶୁକ୍ଳସଂଜ୍ଞାଧରାଃ କୃତାଃ ।

ଯେଉଁ ବ୍ରାହ୍ମଣ ତପସ୍ୟା ଓ ବନସ୍ଥ ଆଦି ସନ୍ନ୍ୟାସରେ ବ୍ରତୀ ଅଥଚ ନାନା ତୀର୍ଥରେ ଭ୍ରମଣ କରିବା ହେତୁରୁ ସମାଜ ମଧ୍ୟରେ ପ୍ରଶଂସା ପାଇ ଅଛନ୍ତି ଏବଂ ଯାହାଙ୍କର ବେଶ ଓ କର୍ମ ଶୁଭ୍ର ଅଟେ, ବ୍ରହ୍ମା ଏ ପ୍ରକାର ବ୍ରାହ୍ମଣଙ୍କୁ "ଶୁକ୍ଳ" ଏହି ସଂଜ୍ଞା ଅର୍ପଣ କରିଥିଲେ । କିନ୍ତୁ ମୋ ମତରେ ଏହି ଧାରଣା ହୁଏତ ଏହି ସଂଜ୍ଞାଧାରୀ କାନ୍ୟକୁବ୍ଜବାସୀ କେତେକ ବ୍ରାହ୍ମଣ ବହୁକାଳ ପୂର୍ବେ ଆସି ବହୁକାଳ ପୂର୍ବରୁ ଆଗତ ଶୁକ୍ଲ ସଂଜ୍ଞାକୁ ସଙ୍ଗରେ ଧରି ଏ ଦେଶବାସୀ ବ୍ରାହ୍ମଣ ସହିତ ମିଶିଯାଇ ଅଛନ୍ତି, "ଶୁକ୍ଲ" ଏହି ସଂଜ୍ଞାଟି "ଶୁକ୍ଳ" ଏହି ସଂଜ୍ଞାରେ ପରିବର୍ତ୍ତିତ ହୋଇ ଯାଇଅଛି ।

ଷଡ଼ଙ୍ଗୀ ।

ଷଡ଼ଙ୍ଗ ସହିତାନ୍ ବେଦାନ୍, ପଠନ୍ତି ପାଠୟନ୍ତିୟେ ।
ଶୁଦ୍ଧଭାବା ଗତପାପାଃ ସଂଜ୍ଞାସ୍ତେ ଷଡ଼ଙ୍ଗିନଃ ।

ଯେଉଁ ବ୍ରାହ୍ମଣମାନେ କଳ୍ପ ଆଦି ଷଡ଼ଙ୍ଗ ସହିତ ବେଦମାନ ସ୍ୱୟଂ ପଠନ କରନ୍ତି ଏବଂ ଅନ୍ୟ ବ୍ରାହ୍ମଣ ବାଳକମାନଙ୍କୁ ପଠନ କରାନ୍ତି, ଏ ଆଦି କାର୍ଯ୍ୟ କରୁଥିବାରୁ ଯେଉଁ ମାନଙ୍କର ମାନ୍-

ଯିଏ ଷଡ଼ଙ୍ଗ ବେଦର ଅଧ୍ୟେତା ସ୍ୱୟଂ କରିପାରନ୍ତି, ଏ ପ୍ରକାର ବ୍ରାହ୍ମଣମାନେ "ଷଡ଼ଙ୍ଗୀ" ଏହି ସଂଜ୍ଞାରେ ପରିଚିତ ହୋଇ ଆସୁଅଛନ୍ତି ।

ଫଳତଃ ଏହି ସଂଜ୍ଞା "ଷଡ଼ଙ୍ଗବିତ୍" ସଂଜ୍ଞାରୁ ବାହାର ହେବାର ସମ୍ଭବ । ବେଦ ସଂହିତା ପୁରାଣ ଓ ତନ୍ତ୍ରମାନଙ୍କରେ ଏହି ସଂଜ୍ଞାର ବହୁସଂଖ୍ୟକ ପ୍ରମାଣ ଥିବାରୁ ଦେଖିବାକୁ ମିଳେ ଯଥା;—

"ଯଦବାସୀର୍ଯ୍ୟ ଷଡ଼ଙ୍ଗବିତ୍—ଇତ୍ୟାଦି (ପରାଶର ସଂହିତା) ।

ହୋତା ।

[ଉଦ୍ଗାତ ଭଳି, ଉଦ୍ଗୀତା ସଂଜ୍ଞାରୁ ମଧ୍ୟ ଏ ସଂଜ୍ଞା ବାହାରୁ ଅଛି ।]

ଋଗ୍ବେଦା ଧାର୍ମିକୋ ବିପ୍ରା ହବ୍ୟଂ ହୋମସ୍ୟ କାରକାଃ ।
ଯଜ୍ଞବେଦ୍ୟା ପ୍ରକାଶାର୍ଥେ ତେ ହୋତାରଃ ସମାହୃତାଃ ।

ଋଗ୍ବେଦୀୟଶ୍ରୁତିବାକ୍ୟ ଯେଉଁ ବିପ୍ରମାନେ ଯଜ୍ଞ ସଭାରେ "କଳ୍ପ" ନାମକ ବେଦାଙ୍ଗରେ (ଏଥିରେହିଁ ଯଜ୍ଞ ସଭାର ପବିତ୍ର ନିୟମ ବିଧିମାନ ଅଛି) ପାଠ କରି ପ୍ରତିଦିନ ହୋମ ସାଧନ କରନ୍ତି ସେମାନେହିଁ "ହୋତା" ଏହି ଆଖ୍ୟାରେ ବ୍ରାହ୍ମଣ ଦ୍ୱାରା ଅଭିହିତ ହୋଇଥିଲେ । ଅର୍ଥାତ "ଭଦ୍ର" ଏହି ସଂଜ୍ଞାର ଦୁଇଗୋଷ୍ଠି ମୂଳ ଏକ ଗୋଷ୍ଠୀଏ "ଉଦ୍ଗାତା" ଏମାନେ ସାମବେଦାଧ୍ୟାୟୀ ଭାବରେ ବେଦଗାନ କରନ୍ତି । ଅନ୍ୟ ଗୋଷ୍ଠୀଏ "ହୋତା" ଏମାନେ ଋଗ୍ବେଦାଧ୍ୟାୟୀ ନିତ୍ୟ ହବନ କରନ୍ତି ।

ଏ ପର୍ଯ୍ୟନ୍ତ ଅନୁସନ୍ଧାନ କ୍ରମରେ ଉତ୍କଳ କୁଳସଂଜ୍ଞା ପ୍ରମାଣ ପ୍ରଦର୍ଶିତ ହେଲା । ଏହାପରେ ଭୂମି ବ୍ରହ୍ମପଞ୍ଚାକ୍ଷୀ ଗ୍ରନ୍ଥରେ ଦୁଇପ୍ରକାର ଗୋଷ୍ଠୀ ତାଳପତ୍ର ଲିଖିତ ଗୋଷ୍ଠୀ ପିଣ୍ଡରେ ଲେଖା ଅଛି ଯଥା;—

ନିତ୍ୟଂ ବାଦନ ଦ୍ୱିସ୍ତାରଃ ସର୍ବବନ୍ଧନ ନାରକାଃ
ବେଦଜ୍ଞା ମନ୍ତ୍ରିଣୋ ବିପ୍ରାଃ ସାଙ୍ଗବ୍ରହ୍ମବିଦଃ ସ୍ମୃତାଃ ।
ସାମଦାନ ଭେଦ ଦଣ୍ଡା ଇତ୍ୟୁପାୟ ଚତୁଷ୍ଟୟମ୍ ।
ଏଷୁଦ୍ୱୟଂ ଦ୍ୱିତୀୟଂ ବେଦାଭ୍ୟାସାନୁସଂହିତମ୍ ।
ସନ୍ଧ୍ୟାସ୍ନାନଜପାଚାରାଂ ଶ୍ରାଦ୍ଧବେଦ ବିଦ୍ୟାଂବରଃ ।
ଉପସଂଜ୍ଞାଂ କଲ୍ପୟିତ୍ୱା ଚତୁର୍ଦ୍ଧ୍ୱଂଶ ମୁକ୍ତବାନ୍ ।
ଶସ୍ତ୍ରାଂ ପ୍ରାଣ ବଚନ୍ତାଗେତୁ ସ୍ତୁତସ୍ୟ ଧାରଣାବଧି ।
ପ୍ରହରବର୍ଦ୍ଧକଂ କାଲଂ ଦଣ୍ଡଛତ୍ରାଦ ଧାରଣାତ୍ ।
ସ ଜ-ପ୍ରଭଜନ୍ଧବର୍ତ୍ତଃ ପ୍ରବର୍ତ୍ତିତ ଇତି ସ୍ମୃତଃ ।
ଉପସଂଜ୍ଞା ବ୍ରାହ୍ମଣାନାଂ ଜ୍ଞାତବ୍ୟା ପରିକଳ୍ପିତାଃ ।

ଏହି ଶ୍ଳୋକଗୁଡ଼ିକର ପ୍ରମାଣ ବ୍ୟାଖ୍ୟା ଅନୁବାଦ ଅନାବଶ୍ୟକ । ଏହି ଗ୍ରନ୍ଥର ପ୍ରସ୍ତାବ [ମୁଖବନ୍ଧ] ରେ ଯାଜକ ବ୍ରାହ୍ମଣମାନଙ୍କର ଯେଉଁ ଇତିହାସ ଲେଖାଅଛି ସେଥିରୁ ଏବେ ଆଲୋଚନା ସହଜ ହେଉଥିବ ।

ପ୍ରସଙ୍ଗ କ୍ରମେ ଲେଖୁଅଛୁ ଉତ୍କଳ ବ୍ରାହ୍ମଣମାନେ ତିନିଧା । ଯାଜପୁର ଶ୍ରେଣୀ, ଦକ୍ଷିଣ ଶ୍ରେଣୀ ଓ ଜଗନ୍ନାଥ ଶ୍ରେଣୀ । ଏହି ତ୍ରିବିଧ ଶ୍ରେଣୀ ମଧ୍ୟରେ କେତେ ଗୋତ୍ର, ମୁଖ୍ୟ ପୁଣି କେତୋ ଅଛନ୍ତି । ସେ ସମସ୍ତର ଆଲୋଚନା ଆବଶ୍ୟକ ମାତ୍ର କେତେକ ଅଦ୍ଭୁତ କାରଣରୁ ଛାଡ଼ିଲୁ । ଏଥିସମ୍ବନ୍ଧ ଆଲୋଚନା ଅତ୍ୟାବଶ୍ୟକ ।

ମୁଁ ଯାଜପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଥମ ପଣ୍ଡିତ ହେବା ସମୟରେ ୰ ସଦାଶିବ ବିଦ୍ୟାରତ୍ନ ଓ ୰ ଦାମୋଦର ବେଦାବାଗୀଶ ନାମରେ ଯୋଡ଼ାଏ ପ୍ରସିଦ୍ଧ ପଣ୍ଡିତ ସେଠାରେ ବାସକରୁଥିଲେ । ସେ ଦୁଇ ପଣ୍ଡିତଙ୍କଠାରୁ ଉକ୍ତ ବିଷୟ ଆଦର ପୂର୍ବକ ଯାହା ଶୁଣିଥିଲି ତାହା ନିମ୍ନରେ ଉଦ୍ଧୃତ କଲି ଯଥା:—

"କରଶର୍ମା ଭରଦ୍ୱାଜଃ, ପଞ୍ଚଶର୍ମା ଚ ମୁଦ୍‌ଗଲଃ ।
ଅତ୍ରେୟସ୍ତୁ ରଥଶର୍ମା ସ୍ୟାତ୍, ନନ୍ଦଶର୍ମା ଚ କାଶ୍ୟପଃ ।
ଗୌତମୋ ଧରଶର୍ମା ସ୍ୟାତ୍, ଦାସଶର୍ମା ଚ କୌଣ୍ଡିନଃ ।

ବ୍ରହ୍ମାଙ୍କ ଯଜ୍ଞରେ ଭରଦ୍ୱାଜ ଗୋତ୍ରୋଦ୍ଭବ ଯେଉଁ ବ୍ରାହ୍ମଣ ଅଗ୍ରଜନ୍ମା ହୋଇ ଯତ୍ନପୂର୍ବକ ଅଗ୍ନିରେ ଆହୁତି ନିକ୍ଷେପ କରୁଥିଲେ, ଏହି କାରଣରୁ ବ୍ରହ୍ମା ତାଙ୍କୁ "କରଶର୍ମା" ଆଖ୍ୟା, ଏବଂ ମୁଦ୍‌ଗଲ ଗୋତ୍ରୋଦ୍ଭବ ଯେଉଁ ବ୍ରାହ୍ମଣ ସଦସ୍ୟ ହୋଇଥିଲେ ତାଙ୍କୁ "ସଦସ୍ପତି" ହେବାରୁ ସଂକ୍ଷେପରେ "ପଞ୍ଚଶର୍ମା" ଆଖ୍ୟା; ଆତ୍ରେୟ ଗୋତ୍ରୋଦ୍ଭବ କୌଣସି ବ୍ରାହ୍ମଣ ଉକ୍ତ ଯଜ୍ଞରେ ବ୍ରହ୍ମା ବରଣ ପାଇ ଯୋଗୀପରି ଶାନ୍ତ ଓ ଧୀର ଭାବରେ ଅନ୍ୟ ବ୍ରାହ୍ମଣମାନଙ୍କର ଭଲ ମନ୍ଦ କାର୍ଯ୍ୟମାନ ଦେଖାଦେଖି କରୁଥିଲେ ଯେ ବ୍ରହ୍ମା ତାଙ୍କର ଉକ୍ତ ପ୍ରକାର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ କଠୋପନିଷଦର ଉକ୍ତ ଶ୍ରୁତିର ପ୍ରମାଣ ତାଙ୍କଠାରେ ସାର୍ଥକ ହୋଇ ଥିବାର ଦେଖି "ରଥଶର୍ମା" ଆଖ୍ୟା; ଉକ୍ତ ଯଜ୍ଞରେ କାଶ୍ୟପ ଗୋତ୍ରୋଦ୍ଭବ ବେଦ-ବିଦ୍ୟା-ବିଶାରଦ କେହି ବ୍ରାହ୍ମଣ ଉଦ୍‌ଗାତା ହୋଇ ଉଦାତ୍ତ ସ୍ୱରରେ ବେଦଗାନ କରି ସାଧାରଣଙ୍କୁ ଆନନ୍ଦିତ କରୁଥିଲେ ବୋଲି ତାଙ୍କୁ "ନନ୍ଦଶର୍ମା" ଆଖ୍ୟା; ଉକ୍ତ ଯଜ୍ଞରେ ଗୌତମ ଗୋତ୍ରୋଦ୍ଭବ କୌଣସି ବରିଷ୍ଠ ବ୍ରାହ୍ମଣ ପ୍ରଧାନାଚାର୍ଯ୍ୟ ରୂପେ ବୃତ ହୋଇ ଯଜ୍ଞକୁ ଧରିଥିଲେ। ତାଙ୍କୁ "ଯଜ୍ଞ ଧରଣଶୀଳ" ପଦରୁ ଉଚ୍ଚାରଣ ପକ୍ଷରେ ଅସୁବିଧା ହେବାରୁ କେବଳ "ଧରଶର୍ମା" ଆଖ୍ୟା, ସେହି ଉକ୍ତ ଯଜ୍ଞରେ କୌଣ୍ଡିନ୍ୟ ଗୋତ୍ରୋଦ୍ଭବ କୌଣସି ବ୍ରାହ୍ମଣ ହିତକର କାର୍ଯ୍ୟରେ ରତହୋଇ ଯଜ୍ଞୀୟ ଦ୍ରବ୍ୟ ସଂଗ୍ରହାଦି କାର୍ଯ୍ୟ ସାଧନ କରୁଥିବାରୁ ତାଙ୍କୁ "ଦାସଶର୍ମା" ଆଖ୍ୟା ପ୍ରଦାନ କରିଥିଲେ ।

ଏହି ଏହି ବ୍ରାହ୍ମଣମାନଙ୍କର କୁଳଜାତ ବ୍ରାହ୍ମଣମାନେ ଏବେ ସୁଦ୍ଧା ଉକ୍ତ ଷଡ଼ୁବିଧ ସଂଜ୍ଞା ପଦମାନଙ୍କରେ ପ୍ରସିଦ୍ଧ ହୋଇଅଛନ୍ତି । ଉକ୍ତ କରଣମ୍ମାଅଦ ଛଅ ପ୍ରକାର ସଂଜ୍ଞା ଚଳନ ବିଷୟରେ ସେଥି ଗୋଟିଏ ବଶିଷ୍ଠ ପ୍ରମାଣ ମଧ କହିଥିଲେ । ଉତ୍କଳ ଦେଶରେ କୌଣସି ବୈଦିକ କାର୍ଯ୍ୟ ହେଲାବେଳେ ସେମାନଙ୍କୁ ଅନୁଜ୍ଞା ଗ୍ରହଣ ସମୟରେ ନିମ୍ନଲିଖିତ ବଚନଟିକୁ ବର୍ତ୍ତମାନ ସୁଦ୍ଧା ଉତ୍କଳ ବ୍ରାହ୍ମଣମାନେ ବ୍ୟବହାର କରୁ ଅଛନ୍ତି । ଯଥା;—

"ସର୍ବେ ଋଗ୍ବେଦେ ବ୍ୟାସ ସମାଃ, ସର୍ବେ ତେ ବେଦପାରଗାଃ ।
ସର୍ବୈତସ୍ମିନ୍ କର୍ମକାଲେ, ଷଡ଼ଙ୍ଗୀ ସଙ୍ଗ ପ୍ରଦସ୍ଯତାମ୍ ।"

ଉକ୍ତ ଉଦ୍ଧାରରେ ଅନେକଙ୍କ କେହି କେହି ବ୍ରାହ୍ମଣମାନେ "ଷଡ଼ଙ୍ଗଃ" ଏହି ପଦ ନକହି "ସର୍ବେଃ" ବୋଲି କହୁଥାନ୍ତି । ଏହାଦ୍ୱାରା ସେମାନେ ନିଜର ଅଜ୍ଞତା ମାତ୍ର ପରିଚୟ ଦେଇଥାନ୍ତି । ମାତ୍ର ଗଦାଧର ରାଜଗୁରୁ ଉପରୋକ୍ତ ଛଅ ପ୍ରକାର କୁଳସଂଜ୍ଞାକୁ ଲୌକିକ ସଂଜ୍ଞା ଅର୍ଥାତ କଳ୍ପିତ ବୋଲି ଏବଂ ଶାସ୍ତ୍ରୀୟ ଦେବଶର୍ମା ପଦକୁ କେବଳ ବ୍ୟବହାର ଯୋଗ୍ୟ ବୋଲି କୌଳସାର ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି । ପଦମପୁର ଶ୍ରେଣୀ ବ୍ରାହ୍ମଣମାନଙ୍କ ମଧ୍ୟରୁ "ମାସ୍ତାନ" (ମସ୍ତକାଧାରୀ) ଅର୍ଥାତ ମୁଣ୍ଡରେ ଟୋପି କହନ୍ତି, ଏବଂ ବୈଦିକ ଶ୍ରେଣୀ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଉତ୍କଳଦେଶରେ ନାନା ପ୍ରକାର ପ୍ରବାଦ ପ୍ରଚଳିତ । କେହି କେହି କହନ୍ତି ପଦ୍ମାବତୀ କନ୍ୟାକୁ ମହାରାଜ ପୁରୁଷୋତ୍ତମ ଦେବଙ୍କ ଅର୍ପଣ ନ କରି, କର୍ଣ୍ଣାଟ ରାଜା ନିଜ ଦୁର୍ଗକୁ ଲେଉଟି ଯିବାରୁ ମହାରାଜ ପୁରୁଷୋତ୍ତମଦେବ ତାଙ୍କ ପ୍ରତି କ୍ରୋଧାନ୍ୱିତ ହୋଇ ସସୈନ୍ୟ ଯୁଦ୍ଧ ଯାତ୍ରା କଲେ । ମାତ୍ର ପ୍ରଥମଥର ପରାଜିତ ହୋଇ ନିଜ ଦୁର୍ଗକୁ ପଳାଇ ଆସିଲେ । ପରେ କୌଣସି ଗୁପ୍ତଚର ଠାରୁ ଶୁଣି ପାରିଲେ କର୍ଣ୍ଣାଟ ରାଜ

ବ୍ରାହ୍ମଣମାନଙ୍କ ପ୍ରତି କୌଣସି ପ୍ରକାର ଅତ୍ୟାଚାର କରନ୍ତୁ ନାହିଁ । ଏହା ଶୁଣି କେତେକ ବୃଦ୍ଧଏ ଶୂଦ୍ରଙ୍କୁ ଯଜ୍ଞୋପବୀତ ପିନ୍ଧାଇ ବ୍ରାହ୍ମଣ ବେଶଧାରୀ ସେମାନଙ୍କ ସୈନ୍ୟ ଶ୍ରେଣୀ ଭୁକ୍ତ କରାଇ ସେମାନଙ୍କ ସହିତ ପୁନର୍ବାର ଉକ୍ତ କର୍ଣ୍ଣାଟ ବିଜୟରେ ଯୁଦ୍ଧ ଯାତ୍ରା କଲେ । ଏବଂ ସେ ରାଜା ସୈନ୍ୟମାନଙ୍କୁ ବ୍ରାହ୍ମଣ ବେଶଧାରୀ ଦେଖି ଅସ୍ତ୍ରଚାଳନାଦି କାର୍ଯ୍ୟରୁ ବିରତ ହେଲେ । ସୁତରାଂ ପୁରୁଷୋତ୍ତମ ଦେବ ଜୟୀ ହୋଇ ସ୍ୱସୈନ୍ୟ ଦୁର୍ଗକୁ ଲେଉଟି ଆସି ସୈନ୍ୟମାନଙ୍କୁ ଯଜ୍ଞୋପବୀତାଦି ବ୍ରାହ୍ମଣବେଶ ପରିତ୍ୟାଗ କରିବା କାରଣ କହିବାରୁ ସେମାନେ କହିଲେକ "ମହାରାଜ ସମ୍ମୁଖରେ ଅଗ୍ନି ପ୍ରଦାନ କରି ଆମ୍ଭମାନଙ୍କୁ ଯଜ୍ଞୋପବୀତ ପିନ୍ଧାଇ ଅଛନ୍ତି, ଆମ୍ଭେ ଏହି ସମ୍ମୁଖ ଅଗ୍ନି ବିଫଳ ହେବ କିପରି ? ଏହା ଶୁଣି ଉତ୍କଳ ରାଜ ମଧ କହିଲେକ, ହେଉ ତୁମ୍ଭେମାନେ ବଳରାମ ଗୋତ୍ରୀ ବା ହଳୁଆ ବ୍ରାହ୍ମଣ ନାମରେ ଖ୍ୟାତ ହେବ । ମାତ୍ର ଏ ପ୍ରବାଦ ସମ୍ବନ୍ଧରେ ଉକ୍ତ ପଣ୍ଡିତ ହସି କହୁଥିଲେ ଯେ, ଯେଉଁ ରାଜବଂଶ ବୈଦିକ ଧର୍ମର ସ୍ଥାପକ ଓ ବିଶ୍ୱାସୀ ଏବଂ ମହାବୀର ସେହି ବଂଶୋଦ୍ଭବ ଜଣେ ରାଜା ଶୂଦ୍ରକୁ ବ୍ରାହ୍ମଣ କରାଇ ବେଦବିରୋଧୀ କାର୍ଯ୍ୟକୁ ଦେଶ ମଧ୍ୟରେ ଚଳାଇବେ, ଏହା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ଏଥିରେ ଗୂଢ଼ ରହସ୍ୟ ତମ୍ଭପ୍ରକାର ଥିବାର ପ୍ରକାଶ କରୁଥିଲେ ।

ଉତ୍କଳରେ ବୌଦ୍ଧଧର୍ମ ପ୍ରବର୍ତ୍ତ ହେଉଥିବା ସମୟରେ ବ୍ରାହ୍ମଣ କୁଳୋଦ୍ଭବ ଯେଉଁମାନେ ବର୍ତ୍ତମାନ ବ୍ରାହ୍ମସମାଜ ପ୍ରବିଷ୍ଟ ବ୍ରାହ୍ମଣମାନଙ୍କ ପରି ବୈଦିକ ଧର୍ମ ପରିତ୍ୟାଗ କରିଥିଲେ, କେବଳ ପଇତାକୁ ଧାରଣକରି ସନ୍ଧ୍ୟାଧାରୀ ହୋଇ ବ୍ରାହ୍ମଣ ବୋଲି ପରିଚିତ ହେଉଥିଲେ, ସେହି ବ୍ରାହ୍ମଣମାନେ କେବଳ

ବୌଦ୍ଧଯୁଗର ପରେ ବ୍ରହ୍ମାଙ୍କର ଉପଦେଶକ୍ରମେ ପ୍ରଚାର କାର୍ଯ୍ୟମାନ ସ୍ୱଚକ୍ଷୁରେ ଦେଖିପାରି ସର୍ବଶେଷରେ ବ୍ରହ୍ମାଙ୍କର ଶରଣାଗତ ହେଲେ। ଏବଂ କହିଲେ ଯେ, "ଆପଣ ତ ପୁନର୍ବାର ବୈଦିକ ଯୁଗର ଅନୁଷ୍ଠାନମାନ ପ୍ରବର୍ତ୍ତ କଲେ, ଆମ୍ଭମାନଙ୍କର ତ ଅପରାଧ ହେଲା ଯେ, ଆମ୍ଭମାନଙ୍କୁ ନ ଭାବ ବ୍ରାହ୍ମଣ ସମାଜରେ ଗ୍ରହଣ କଲେ ନାହିଁ"। ବ୍ରହ୍ମା ସେମାନଙ୍କର ଏପରି ଅନୁନୟ ବିନୟ ବଚନମାନ ଶୁଣି ଏବଂ ସେମାନଙ୍କର କୌଳିକ ଆଚରଣରେ ଅଧିକାଂଶ ଶୂଦ୍ର ଧର୍ମ ପ୍ରବେଶ କରିଥିବାର ଦେଖି "ହାଲକଶ୍ରେଣୀ" ବୋଲି ନକୃଷ୍ଟ ବ୍ରାହ୍ମଣ ମଧ୍ୟରେ ଗ୍ରହଣ କଲେ, ଏବଂ କେତେକ ବୈଦିକ ବିଧି ମଧ୍ୟ ସେମାନଙ୍କର ଗୃହରେ ଚଳିବାର ବିଧାନ କରି ବ୍ରାହ୍ମଣଙ୍କର ଅପମାନିତ ହେବା ଭୟରେ ଶୂଦ୍ର ସଙ୍ଗ ମାତ୍ର ଚଳାଇ ଥିଲେ।

ସ୍ୱର୍ଗୀୟ ଭୂସ୍ୱାମୀ ସାମନ୍ତ ୬ ରାଜକୀସମ୍ପୂର୍ଣ ଦାସ ମହାଶୟ ମୋଠାରୁ ଏହି ପ୍ରବନ୍ଧ ଶୁଣି "ମୋର ମଧ୍ୟ ଏହି ମତ" ବୋଲି ଅନୁମୋଦନ କରିଥିଲେ। ଏବଂ କହିଥିଲେ ଯେ ଶୂଦ୍ର ସୃହକାର ବୀଲ୍ଲ ରୁ ଉତ୍କଳ ରାଜବଂଶୀୟ ଧର୍ମପ୍ରିୟ କୌଣସି ରାଜା ବ୍ରାହ୍ମଣ କରାଇଥିବାର କଥାଟି କେବେ ବିଶ୍ୱାସ ଯୋଗ୍ୟ ହୋଇ ନ ପାରେ।

ଏହି ମତାନୁସାରେ ଉକ୍ତ ବ୍ରହ୍ମପରାଶ୍ୟାଗ୍ରନ୍ଥରେ ନିମ୍ନଲିଖିତ ବଚନମାନ ଯାହା ଦେଖିଥିଲୁ ତାହା ଲିଖିତ ହେଲା—

ଦ୍ୱିଜ ଚଉ ଧର୍ମଃ କେଚିତ୍ ଶୂଦ୍ର ଚିଉ ଧର୍ମ ପ୍ରଥା
ସ୍ୱହସ୍ତ ହଲଗ୍ରୁ ଲକାଃ ; ଶୂଦ୍ର ସମ୍ପର୍କ ଦୂଷିତାଃ
ବ୍ରହ୍ମବଦ୍ୟା ବରହିତାଃ ; ବ୍ରହ୍ମଣଃ ସଦନଂ ଗତ୍ୱା
ବ୍ରହ୍ମାଣଂ ଶରଣଂ ଗତାଃ ; ଅନୁନିନ୍ୟୁଃ ପୁନଃ ପୁନଃ

ତେଷାଂ ବଚନ ମାକର୍ଣ୍ଣ୍ୟ ; ବିଚାର୍ଯ୍ୟ ସ୍ୱଧିୟା ଚିନ୍ତା
ଦ୍ୱିଜେଭ୍ୟ ତେଷାଂ ନୀଚତ୍ୱଂ ; ତସ୍ମାତ୍ କର୍ମାଣି ବର୍ତ୍ତୟୌ
ସ୍ନାନାନନ୍ତା ସ୍ତେଭ୍ୟ ପୁନଃ ; ପାଦୋଦକସ୍ୟ ବବନ୍ଧରେ .
ତେଷାଂ ମନ୍ତ୍ରନସ୍ୱଂ ଶ୍ରୁତ୍ୱା ; ସାନ୍ତ୍ୱୟିତ୍ୱା ପୁନଃ ପୁନଃ
ଯୂୟଂ କାଳକ୍ରମେ ନୈବ ; ଭବିଷ୍ୟଥ ଦ୍ୱିଜୋତ୍ତମାଃ
ଦ୍ୱିଜୋତ୍ତମାନାଂ ସମ୍ପ୍ରାପ୍ୟ ବୈ , ସମ୍ବନ୍ଧଂ ବିଧାୟ
କ୍ରମେଣୋଚ୍ଚା ଭବିଷ୍ୟଥ ; ଯୁଷ୍ମାକଂ ସୁବ୍ରାହ୍ମଣ୍ୟଂ ତେନ
ବିଧାସ୍ୟାମି ସର୍ବେମାଂ ; ଶାସ୍ତ୍ରଦର୍ଶନଂ ବ୍ରୂୟୁଃ
ଯୂୟଂ ଦ୍ୱିଜ କୁଳୋଦ୍ଭବା , ଅପି ଶୂଦ୍ର କର୍ମାଣଃ
ପୁନଃ ଦ୍ୱିଜାତୟେ ଭବିଷ୍ୟ , ପୂତା ଭବିଷ୍ୟଥ
ଇତ୍ୟୁକ୍ତ୍ୱା ପୁରତଃ ବେଣୀ ; ଅନ୍ତର୍ଦ୍ଧଧେ

ପରିଶେଷରେ ଏହି ବଚନମାନ ଉକ୍ତ ପଣ୍ଡିତଦ୍ୱୟଙ୍କୁ ଦେଖାଇବାରୁ କେତେକ କହି ମୋ ପ୍ରତି ଶତାଶୀର୍ବାଦ ପ୍ରୟୋଗ କରିଥିଲେ । ଅବଶ୍ୟ ଏ ସମସ୍ତ ବଚନମାନ ବିଶୁଦ୍ଧ କରି କେତେକ ଅଂଶ ସତ୍ୟବାଦୀ ପତ୍ରିକାରେ ପ୍ରକାଶିତ କରିଥିଲି । ବର୍ତ୍ତମାନ ଗ୍ରନ୍ଥାକାରରେ ଛପାଇବାକୁ ଆରମ୍ଭ କରୁଅଛି । ଏହା ବ୍ରାହ୍ମଣ ସମାଜରେ ଆଦୃତ ହେଲେ ସମଧିକ ଆନନ୍ଦିତ ହେବି ।

ସୁବର୍ଣ୍ଣରେଖା ତଟନାମପୂତ—
ଗ୍ରାମାଳୟୋ ବିପ୍ରପଦାବ୍ଜ ରେଣୁଃ ॥
ଷଡ଼ଙ୍ଗି ବିଶେଷୁକଶ୍ରୀରଧର୍ମା ।
ଶ୍ରୀରୁଦ୍ରନାରାୟଣ ଦେବଶର୍ମା ॥
ଦରବୌତସ୍ୱର୍ ।

[ସମାପ୍ତମ୍]

Printed by S, K, De, at the Town Press, Balasore.

[illegible]
[illegible]
[illegible]

[illegible]
[illegible]
[illegible]

ବୈତରଣୀ କୂଳରେ [illegible] ।

ଏ ସମସ୍ତ ଗଙ୍ଗା ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ସମନ୍ୱୟ କରୁଥିଲେ । ଦେବୀଙ୍କ ବୈତରଣୀ ଦେବୀ ରୂପମତୀ ହୋଇ ସଙ୍ଗ ସ୍ଥାନରେ ଉପସ୍ଥିତ ହୋଇ ପାରିଲେ ନାହିଁ । ତହୁଁ କୌଣସି ବ୍ରହ୍ମା ଅଭିଶାପ ଦେଲେ ଯେ "ତୁମ୍ଭେ ଏବେ ସ୍ରୋତବାହିନୀ ହୁଅ" । ଏହା ଶୁଣି ବୈତରଣୀ ଦେବୀ ସାବିତ୍ରୀ ଦେବୀଙ୍କର ଶରଣାଗତି ହେବାରୁ ସେ ବ୍ରହ୍ମାଙ୍କୁ ସବୁକଥା ବୁଝାଇ କହିଲେ ; ତହୁଁ ବ୍ରହ୍ମା ଅଭିଶାପର ପ୍ରତିଧାନ କରିଦେଲେ । ମାତ୍ର ଅଭିଶାପ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭେଦୁଗୋତ୍ର ବ୍ରାହ୍ମଣ [illegible] ହୋଇ [illegible] କରୁଥିଲେ । ଏମାନେ ଯାଜପୁର ଶ୍ରେଣୀରେ [illegible] ବ୍ରାହ୍ମଣ (ଭରଦ୍ୱାଜ) ଅଛନ୍ତି । [illegible] ଜଳପାନ କରି ଥିବାରୁ [illegible] ଧାରଣ କଲେ । ଏମାନେ ଏ ଶ୍ରେଣୀରେ [illegible] । ଏହି ଦ୍ୱିବିଧ ଶ୍ରେଣୀର [illegible] ଜଳପାନ [illegible] ବ୍ରାହ୍ମଣ [illegible] [illegible] ରହିଲେ । ଏହି ଅଭିଶାପ କାଳ ମଧ୍ୟରେ [illegible] ବାହାରେ [illegible] ଯାଇ ରହିଗଲେ , ଏମାନେ "ଡାକିଣୀ ବୈଦିକ" ନାମରେ ପରିଚିତ ।

ପୁଣି, ବେଦବେଦ [illegible] ମହୋଦଧି କୂଳରେ ରହିଗଲେ, ଏମାନେ "ଦକ୍ଷିଣ ଶ୍ରେଣୀ" ନାମରେ ପରିଚିତ । ଏହି ଦକ୍ଷିଣ ଶ୍ରେଣୀ ମଧ୍ୟରେ ଅଷ୍ଟବସୁ ବଂଶ , କୃଷ୍ଣ ମହାପାତ୍ର ବଂଶ (ସାମନ୍ତ)

[illegible]

ପାରବ୍ରି । ଭଦ
ବାଲେଶ୍ୱର, ସନ୍ଦ୍ଧ, [illegible] ବୈଜନ୍ତ ପାର୍ଥୀ
ଜନାଦର୍ଦ୍ଦନ ବୋଲ ।
ତା — ଶ୍ରୀ ରୁଦ୍ରନାରାୟଣ ସଡ଼ଙ୍ଗୀ [illegible]

ଉତ୍କଳ ବ୍ରାହ୍ମଣ ଇତିହାସ ସଂଖ୍ୟା ।

ବିଧିପୂର୍ବକ ଯଜ୍ଞକାରୀ ବ୍ରାହ୍ମଣଙ୍କୁ 'ଯଜ୍ୱା' ବୋଲନ୍ତି । ଏହି ଯଜ୍ୱାମାନଙ୍କର ପୁର 'ଯଜ୍ୱପୁର' । ପାଣିନି ମହର୍ଷି ଷଣ୍ଢାଦି ପ୍ରକରଣରେ ଉକ୍ତ ପ୍ରକାର ବ୍ରାହ୍ମଣଙ୍କୁ 'ଯାଜୀ' ବୋଲି ମଧ୍ୟ କହି ଅଛନ୍ତି । ଏହି ଯାଜୀମାନଙ୍କର ପୁର "ଯାଜିପୁର" । 'ଯଜ୍ୱପୁର' ଅଥବା 'ଯାଜିପୁର' ଏହି ଦୁଇଗୋଟି ଶବ୍ଦ ବର୍ତ୍ତମାନ ପ୍ରଚଳିତ ଯାଜପୁର ଶବ୍ଦର ଆଦିଶବ୍ଦ ଅଟେ । ଏହି ଯାଜପୁରସ୍ଥ ଅଗ୍ନିହୋତ୍ରୀ ବ୍ରାହ୍ମଣମାନଙ୍କ ଗୃହରୁ ପ୍ରାଚୀନ ବାଜପେୟୀମାନଙ୍କ ଦ୍ୱାରା ଲିଖିତ କେତେଗୁଡ଼ିଏ ତାଳପତ୍ର ପୁସ୍ତକ ସଂଗ୍ରହ କରିଥିଲି । ସେଥିମଧ୍ୟରେ "ବ୍ରହ୍ମପରିଭାଷା" ନାମରେ ଖଣ୍ଡିଏ ଜରାଜୀର୍ଣ୍ଣ ତାଳପତ୍ର ପୁସ୍ତକ ଉକ୍ତ ସ୍ୱର୍ଗୀୟ ଘନଶ୍ୟାମ ଅଗ୍ନିହୋତ୍ରୀଙ୍କର ମଖଶାଳା ମଧ୍ୟସ୍ଥିତ ପୁସ୍ତକ ମାନ ମଧ୍ୟରୁ ପାଇଥିଲି । ସେ ଖଣ୍ଡିକ ପାଠ କରି ଐତିହାସିକ ବିବରଣ ଜାଣିଲା ପରେ ହୃଦୟ ଆନନ୍ଦ କଲ୍ଲୋଳରେ ଯେପରି ଭାସମାନ ହୋଇଥିଲା । ସେଥିର ସଂସ୍କୃତଭାଷା ଗୁଡ଼ିକ ଦେଖି ସେହିପରି ବିଷାଦ ମଧ୍ୟ ଅନୁଭବ କରିଥିଲି ବିଲକ୍ଷଣ ଚିନ୍ତାକରି ସ୍ଥିର କରିଥିଲି ଯେ—ଏ ପୁସ୍ତକ ଖଣ୍ଡିକ ଇତିହାସାଭିଜ୍ଞ କୌଣସି ପୁରୋହିତ ଶ୍ରେଣୀର ବ୍ରାହ୍ମଣ ଦ୍ୱାରା ଲିଖିତ ହୋଇଥିବ । କାରଣ ଉତ୍କଳଦେଶର ଗୋଟିଏ ଚିରନ୍ତନ କୁପ୍ରଥା ଏହି ଯେ—ପୁରୋହିତ ବ୍ରାହ୍ମଣମାନେ ଭାଷା ଜ୍ଞାନର ମୂଳକାରଣ ବ୍ୟାକରଣର ଧାରକୁ ସୁଦ୍ଧା ଯାଆନ୍ତି ନାହିଁ । ଯଜମାନ ଯେତେ ବଡ଼ ବିଦ୍ୱାନ୍ ଏବଂ ଯେତେ ବଡ଼ ଧର୍ମୀ ହେଉନ୍ତୁ

ବାଜପେୟୀ ବଂଶ, ଏମାନେ ଶିଶା ବ୍ରାହ୍ମଣ । ଏମାନଙ୍କ ମଧ୍ୟରୁ କେତେକ ଷୋଳ ଶାସନବାସୀ "ବୈଦିକ ଶ୍ରେଣୀ" ବ୍ରାହ୍ମଣ ସଙ୍ଗରେ ସମ୍ପର୍କ କରି ଓ ବୃଦ୍ଧ ହୋଇ ଯାଇଅଛନ୍ତି । କନ୍ତୁ ଉପରେକ୍ତ ଉକ୍ତ ବା ଜନ୍ମା ମଧ୍ୟରୁ ଗୋଟିଏ ସୁଦ୍ଧା ଉତ୍ତର-ଖଣ୍ଡ ଆସି ନାହାନ୍ତି ।

ଉତ୍କଳାଧିପତି ଦାସ ନାଏକ କାର୍ଯ୍ୟରେ ନିଯୁକ୍ତ କେତେକ କରଣ, ସେନାପତି କାର୍ଯ୍ୟରେ ନିଯୁକ୍ତ କେତେକ ମହାନାୟକ ନଣ, ନଗର ପୁରୋହିତମାନଙ୍କ ଅଧୀନ ଥିଲେ ଅଧିକାର ଭୂମିରେ ବାସ କରାଇ ଥିଲେ। ଆଉ କେତେକ ସାଥୀ ବ୍ରାହ୍ମଣ ଯାତ୍ରୀମାନଙ୍କ ସଙ୍ଗରେ ଆସି ଉତ୍ତରଖଣ୍ଡରେ ବାସ କରି ରହି ଯାଇ ଅଛନ୍ତି. କନ୍ତୁ ଏମାନେ କିଛି ନିଜ କୁଳସଂଜ୍ଞାର ମର୍ମାର୍ଥ ବୁଝି ନପାରି ଦୋଷାନ୍ୱେଷିମାନଙ୍କ ନିକଟରେ ଅପଦସ୍ଥ ହୋଇ ଥାଆନ୍ତି । ଏହି କାରଣରୁ "ବ୍ରହ୍ମ ଯଜ୍ଞ ଭାଷ୍ୟ" ଗ୍ରନ୍ଥରୁ ଅତ୍ୟାବଶ୍ୟକୀୟ ଅଂଶ ଉଦ୍ଧାର କରି "କୁଳସଂଜ୍ଞା" ନାମ ଦେଇ ପ୍ରକାଶିତ କଲି । ସମସ୍ତ ଅଂଶ ପ୍ରକାଶିତ କରିବା ସାଧ୍ୟାତୀତ । ଏହି ସଂଜ୍ଞାପଦମାନ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସଙ୍ଗରେ ମେଳ ଥିବା ସ୍ଥଳରେ ସେମାନଙ୍କ ମଧ୍ୟ ଉଦ୍ଧାର କରି କମ୍ନରେ ଦେଖାଇ ଦେଲି । ଦୟାକର ଏଥିରୁ ଖଣ୍ଡିଏ ଖଣ୍ଡିଏ ନେଲେ ଅନ୍ୟାନ୍ୟ ଉପକାରୀ ଗ୍ରନ୍ଥମାନ ପ୍ରକାଶିତ କରି ପାରିବି । ଅଲମତି ବିସ୍ତରେଣ ।

ବାଲେଶ୍ୱର ସଦନ୍ଦ୍ର } ବଶମ୍ଵଦ ପ୍ରକାଶକ—
ସାଜନାଥପୁର ଟୋଲ } ଶ୍ରୀ ରୁଦ୍ରନାରାୟଣ ଷଡ଼ଙ୍ଗୀ କାବ୍ୟତୀର୍ଥ ।